# ଚଇତି ୨୦୧୯ ତୃତୀୟ ସନ୍ଧ୍ୟା

ଚଇତିର ଚମକ ଚୋରେଇ ନେଇଛି ସଭିଙ୍କ ମନ । ଆନମନା କରୁଛି ସବୁ ବର୍ଗର ଦର୍ଶକଙ୍କୁ । ତୃତୀୟ ସନ୍ଧ୍ୟାରେ ଚଇତି ମଞ୍ଚରେ ଶ୍ରୀଲଙ୍କା କଳାକାରଙ୍କ ନୃତ୍ୟ ଓ ଓଡ଼ିଶୀରେ ବିଭୋର ହୋଇଥିଲେ ଦର୍ଶକ । ଭିନ୍ନ ସ୍ୱାଦର ଲୋକନୃତ୍ୟ ବିମୋହିତ କରିଥିଲା ସମସ୍ତଙ୍କୁ । ପରେ ପରେ ବିଶାଖାପାଟଣାର ନୃତ୍ୟଶିଳ୍ପୀମାନେ ଭରତନାଟ୍ୟମ୍‌ରେ ପରିବେଶକୁ ନୃତ୍ୟମୟ କରିଥିଲେ। ସବୁଠୁ ବେଶି ଆକର୍ଷଣୀୟ ଥିଲା ଡଙ୍ଗରିଆ କନ୍ଧଙ୍କ ପାରମ୍ପରିକ ଲୋକନୃତ୍ୟ ଓ ରାୟଗଡ଼ାର କାଠପୁତୁଲି ନୃତ୍ୟ ।


ଶ୍ରୀଲଙ୍କାର ଲୋକନୃତ୍ୟ।


ଜ୍ଞାନବର୍ଦ୍ଧିନୀ ଗ୍ରୁପ୍ ପକ୍ଷରୁ ଦେଶାତ୍ମବୋଧକ କାର୍ଯ୍ୟକ୍ରମ।


ଭୁବନେଶ୍ୱର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ।


ବିଶାଖାପାଟଣାର ଭରତନାଟ୍ୟମ ନୃତ୍ୟ।


ଚଇତି ମଞ୍ଚରେ ଉପସ୍ଥିତ ଅତିଥି।


ହାଟମୁନିଗୁଡା ସର୍ଗିଫୁଲ-୩ ପକ୍ଷରୁ ପରିବେଷିତ କାର୍ଯ୍ୟକ୍ରମ।


ପାର୍ସାଲିର ଡଙ୍ଗରିଆ କନ୍ଧଙ୍କ ନୃତ୍ୟ।


ରାୟଗଡ଼ାର କାଠପୁତୁଲି।

## ମନ ମୋହିଲା ଡଙ୍ଗରିଆଙ୍କ ନୃତ୍ୟ

**ରାୟଗଡ଼ା ଅଫିସ ,୨୮।୧୨**

ରାୟଗଡ଼ାର ଲୋକ ମହୋତ୍ସବ ଚଇତିର ଶନିବାର ଥିଲା ତୃତୀୟ ସନ୍ଧ୍ୟା । ଏଥିରେ ଅନୁସୂଚିତ ଜାତି ଜନଜାତି ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ମହୋତ୍ସବ ଆଦିବାସୀମାନଙ୍କ ପାଇଁ ହେଉଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଜାଦ ହିନ୍ଦ ୟୁଥ ଆସୋସିଏଶନ ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ପରେ ଇ ମାର୍ଟ ଭୁବନେଶ୍ୱର ଦ୍ୱାରା ଓଡ଼ିଶୀ ନୃତ୍ୟ , ପାର୍ସାଲିର ଡ଼ଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ପାରମ୍ପରିକ ନୃତ୍ୟ ଲୋକଙ୍କ ମନ ମୋହିଥିଲା । ସର୍ବଶିକ୍ଷା ଅଭିଯାନର ସୁରଭି -୩ ଦ୍ୱାରା ଆଦିବାସୀ ନୃତ୍ୟ ,ହାଟ ମୁନିଗୁଡ଼ା ର ସରଗୀଫୁଲ -୩ ଦ୍ୱାରା ଆଦିବାସୀ ନୃତ୍ୟ, ଜ୍ଞାନ ବର୍ଦ୍ଧନୀ ଗ୍ରୁପ ଦ୍ୱାରା ଦେଶଭକ୍ତି ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ଶ୍ରୀଲଙ୍କା କଳାକରଙ୍କ ଦ୍ୱାରା ଲୋକନୃତ୍ୟ ଓ ବିଶାଖାପାଟଣାର ଭାରତନାଟ୍ୟମ ବେଶ୍ ମନଛୁଆଁ ହୋଇଥିଲା । ଗୁଣୁପୁର କଳା ସଂସ୍କୃତି ସଂଘ ପକ୍ଷରୁ ମାତୃବନ ଲୋକନୃତ୍ୟ , ପଦ୍ମପୁର ବ୍ଲକ କଳା ସଂସ୍କୃତି ସଂଘ ଓ ରାମନାଗୁଡ଼ା ବ୍ଲକ ପକ୍ଷରୁ ଆଦିବାସୀ ନୃତ୍ୟ, ଛଉ ନୃତ୍ୟ , ଛତିଶଗଡ଼ର ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ମଧ୍ୟ ପ୍ରଦେଶର ଲୋକନୃତ୍ୟ, ରାୟଗଡ଼ା ସଂସ୍କୃତି ପକ୍ଷରୁ କାଠ ପୁତୁଲି, କୋରାପୁଟ ର ଢ଼େମସା, ଗଜପତିର ଆଦିବାସୀ ନୃତ୍ୟ, ମାଲକାନଗିରିର କୋୟା ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା।




## ଚଇତି ପଡ଼ିଆରେ ବାଲ୍ୟ ବିବାହକୁ ନା

**ରାୟଗଡ଼ା ଅଫିସ,୨୮।୧୨:** ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ଚଇତି ଉପଲକ୍ଷେ ସ୍ଥାନୀୟ ଜିସିଡ଼ି ପଡ଼ିଆରେ ଆରମ୍ଭ ହୋଇଛି ପଲିଶ୍ରୀ ମେଳା। ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ବାଲ୍ୟ ବିବାହକୁ ନାଁ ଏକ ଷ୍ଟଲ ଖୋଲାଯାଇଛି । ଯେଉଁଠି ବାଲ୍ୟ ବିବାହକୁ ବିରୋଧ ନେଇ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଉଛନ୍ତି। ଏହି ଷ୍ଟଲକୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଉଦ୍‌ଘାଟନ କରିଥିଲେ । ଏହି ଷ୍ଟଲରେ ଲୋକଙ୍କ ଭିଡ଼ ଜମୁଛି । ପ୍ରତ୍ୟେକ ଦିନ ଆସୁଥିବା ଅତିଥିମାନେ ଷ୍ଟଲ ବୁଲି ଦେଖିବା ସହ ପ୍ରଶଂସା କରୁଛନ୍ତି ।

## ପଲ୍ଲିଶ୍ରୀ ମେଳାରେ ପ୍ରବଳ ଭିଡ଼

**ରାୟଗଡ଼ା ଅଫିସ , ୨୮।୧୨**

ରାୟଗଡ଼ା ଲୋକ ମହୋତ୍ସବ ଚଇତି ଅବସରରେ ଆୟୋଜିତ ହୋଇଛି ପଲ୍ଲିଶ୍ରୀ ମେଳା । ଏଠାରେ ୩୦୫ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲିଛି । ସନ୍ଧ୍ୟାରେ ଏଠାରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏସ୍‌ଏଚ୍‌ଜି ଗ୍ରୁପର କର୍ମୀମାନଙ୍କ ଦ୍ୱାରା ଅଣାଯାଇଥିବା ହଳଦୀ, ଜିରା, ପାମ୍ପଡ଼, ଆଚାର, ସୋରିଷ ପ୍ରଭୃତି ଘରକରଣା ଦ୍ରବ୍ୟ ଚଇତି ମେଳାରେ ଭଲ ବିକ୍ରି ହେଉଥିବା ଜଣାପଡ଼ିଛି । ମହିଳାମାନେ ଆଗାମୀ ବର୍ଷ ପାଇଁ କନ୍ଧମାଳରୁ ଆସିଥିବା ହଳଦୀ, ମରିଚଗୁଣ୍ଡ ଆଦି କିଣୁଥିବା ଦେଖିବାକୁ ମିଳିଛି । ଏଠାରେ କୁଟୀର ଶିଳ୍ପ ସାମଗ୍ରୀର ବେଶ୍ ଚାହିଦା ଦେଖିବାକୁ ମିଳିଛି। ହାତ ତିଆରି ଦ୍ରବ୍ୟ, ଧାନରେ ନିର୍ମିତ ପର୍ସ, ମାଟି କଳସ, ଦୀପ, ହାତୀ, ହସ୍ତତନ୍ତରେ ନିର୍ମିତ ପ୍ରତ୍ୟେକ ଦ୍ରବ୍ୟ ଲୋକଙ୍କୁ ଆକୃଷ୍ଟ କରିଛି । ଗତ ବର୍ଷ ୪ କୋଟି ୧୨ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିଲା । ଲୋକଙ୍କ ଭିଡ଼କୁ ଦେଖିଲେ ଚଳିତ ବର୍ଷ ମଧ୍ୟ ୪ କୋଟିର ବ୍ୟବସାୟ ହେବ ବୋଲି ଆଶା କରାଯାଉଛି । ଏହି ମେଳାରେ ଚଳିତ ବର୍ଷ ହସ୍ତତନ୍ତ ଏବଂ ବୟନ ଶିଳ୍ପ, ଟସର ଶାଢ଼ି, ଶାଲ, ବେତରେ ଛପା, ଆଦିବାସୀଙ୍କ ଗହଣା, ପିତଳ ଦୀପ, ଗୁଖା , କାରପେଟ, ବାଉଁଶ ନିର୍ମିତ ଦ୍ରବ୍ୟ, କଳାହାଣ୍ଡିର କାଠ ତିଆରି ସାମଗ୍ରୀ, ବ୍ରହ୍ମପୁରର ମସଲା, ଡ଼ଙ୍ଗରିଆ କନ୍ଧଙ୍କ ସାଲ, ସମ୍ବଲପୁରୀ କପଡ଼ାର ସବୁଠାରୁ ଅଧିକ ଚାହିଦା ରହିଛି। ହାତରେ ନିର୍ମିତ ଦ୍ରବ୍ୟ ଅଧିକ ଦାମ ଥିଲେ ମଧ୍ୟ ଲୋକମାନେ ଏହାକୁ ପସନ୍ଦ କରୁଥିବା ଜଣେ ଦର୍ଶକ କହିଛନ୍ତି। ଏଠାରେ ଆୟୋଜିତ ପୁସ୍ତକ ମେଳାରେ ମଧ୍ୟ ଭିଡ଼ ଜମୁଛି । ବିଭିନ୍ନ ପ୍ରକାରର ପୁସ୍ତକ ପାଠକମାନଙ୍କ ପାଇଁ ନେଇ ଆସିଛି ଅପୂର୍ବ ଆନନ୍ଦ। ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ମେଳା ସାଙ୍ଗକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକର ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ଲୋକେ ବୁଲି ଦେଖୁଛନ୍ତି। ଗ୍ରାମରେ ଥିବା ନଳକୂପ ଓ ପାଇଖାନା ବ୍ୟବହାର ଆଦି ପ୍ରକଳ୍ପ ସଚେତନତା ବାର୍ତ୍ତା ଲୋକଙ୍କୁ ବେଶ୍ ପସନ୍ଦ ହୋଇଛି ।


ପଲିଶ୍ରୀ ମେଳା ଷ୍ଟଲ୍‌ରେ ଲୋକଙ୍କ ଭିଡ଼।



ଧରିତ୍ରୀ
DHARITRI
ରାୟଗଡା, ରବିବାର, ୨୯ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ହାଇକୋର୍ଟ ଜଜ ବିଶ୍ୱନାଥ ରଥଙ୍କ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର,୨୮।୧୨(ବି.ପ୍ର)- ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ନବରଙ୍ଗପୁର ଗସ୍ତରେ ଆସି ଜିଲାର କିଶୋର ନ୍ୟାୟ ପରିଷଦ ଓ ବାଳ କଲ୍ୟାଣ ସମିତିର ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାଜଜ ଅଶୋକ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ହରିନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ, ଆଇନଜୀବୀ ଦେବୀପ୍ରସାଦ ସିଂ, ଶ୍ରୀନିବାସ ପାତ୍ର, ଶ୍ରୀକାନ୍ତ କୁମାର ପଣ୍ଡା, ସରୋଜ ବେହେରା, ଆସେର ଜାନି, ଏ. ସତିଶ୍ ପ୍ରମୁଖ ଜଜଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଯଥାଶୀଘ୍ର ନବରଙ୍ଗପୁରରେ ଏକ ମହିଳା ଓ ଶିଶୁ କୋର୍ଟ ସ୍ଥାପିତ ହେବ । କୋଡିଙ୍ଗା ଓ ଝରିଗାଁଠାରେ ପ୍ରଥମ ଶ୍ରେଣୀ ବିଚାରପତିଙ୍କ କୋର୍ଟ ସ୍ଥାପିତ ହେବ ବୋଲି ସେ କହିଥିଲେ। ବାଳ ଓ କିଶୋର ନ୍ୟାୟ ପରିଷଦରୁ ଜାମିନ ନ ପାଇଲେ ପିଲାମାନଙ୍କ ସୁଧାର ପାଇ ବ୍ରହ୍ମପୁର ଠାରେ ଥିବା ନିରୀକ୍ଷଣ ଗୃହକୁ ପଠାଯାଉଛି। ଏହି ନିରୀକ୍ଷଣ ଗୃହ ନବରଙ୍ଗପୁରଠାରେ କରିବା ପାଇଁ ପଦକ୍ଷେପ ନେବାକୁ ଆଇନଜୀବୀ ସଂଘ ତରଫରୁ ଅନୁରୋଧ କରାଯାଇଥିଲା । ସେ ଏ ସମ୍ବନ୍ଧରେ ଓଡିଶା ସରକାରଙ୍କୁ ଅବଗତ କରିବେ ବୋଲି କହିଥିଲେ ।

### ଏନ୍ଏସ୍ଏସ୍ ଶିବିର ଉଦ୍ଯାପିତ

କୋଡିଙ୍ଗା,୨୮।୧୨(ଡି.ଏନ୍.ଏ.)- କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ କୋଡିଙ୍ଗାସ୍ଥିତ ରାଜଚାଉଁରିଆ ଉଚ୍ଚ ମାଧମିକ ବିଦ୍ୟାଳୟରେ ୭ ଦିନିଆ ଏନ୍ଏସ୍ଏସ୍ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ତହସିଲଦାର ସବ୍ୟସାଚୀ ଜେନା, ମୁଖ୍ୟବକ୍ତା ଅଧାପକ ଆଶିକ କୁମାର ଭଞ୍ଜ, ସାମାଜିକ କର୍ମୀ ତ୍ରିଲୋଚନ ସିଂ, ଶିକ୍ଷକ ରମେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ । ଉପାଧକ୍ଷ ବିବେକ କୁମାର ମହାଲିକ ସଭାପତିତ୍ୱ କରିଥିଲେ । ଅଧାପକ ଡ. ରବିନାରାୟଣ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ । ପୋଷ୍ୟଗ୍ରାମ ରାବଣାଗୁଡା ତଥା କୋଡିଙ୍ଗା ଗ୍ରାମରେ ଯେଉଁସବୁ କାର୍ଯ୍ୟକ୍ରମ କରାଯାଇଥିଲା ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ରାବଣାଗୁଡା ଗ୍ରାମରେ ସଫେଇ, ବୃକ୍ଷରୋପଣ, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ସମ୍ପର୍କରେ ଜନ ସଚେତନତା, ବିଭିନ୍ନ ସ୍ଥାନରେ ସଫେଇ କରି ଆଖପାଖ ଲୋକଙ୍କୁ ସଚେତନତା କରାଯାଇଥିଲା । ୩୦ ସ୍ୱେଚ୍ଛାସେବୀଙ୍କୁ ଆୟୋଜକଙ୍କ ପକ୍ଷରୁ ପ୍ରମାଣପତ୍ର ସହ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଯୋଗଗୁରୁ ତ୍ରିପତି ପଟ୍ଟନାୟକ, ଅଧାପକ ପଞ୍ଚାନନ ଦୁରିଆଙ୍କୁ ସ୍ୱତନ୍ତ୍ର ରୂପେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଖେଳଶିକ୍ଷକ ପ୍ରଦୀପ୍ତ କୁମାର ସାମନ୍ତ, ଦେବକୀ ଦିଶାରୀ, ରାକେଶ ମଲ୍ଲିକ, ଈଶ୍ୱର ମାଝି, ଉଦୟଚନ୍ଦ୍ର ନାୟକ, ସିମାଞ୍ଚଳ ପଟ୍ଟନାୟକ, ଯାଦବ ମହାନ୍ତିଙ୍କ ସହ ଶିବିରର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ । ଅଧାପକ ଦାମୋଦର ସାହୁ ଧନ୍ୟବାଦ ଦେଇଥିଲେ ।

## ■ ନାବାଳିକା ଗଣବଳାତ୍କାର, ହତ୍ୟା ମାମଲା

# ଘଟଣା ଚପାଇବାକୁ ବିଜେଡି ଉଦ୍ୟମ କରୁଛି : କଂଗ୍ରେସ

■ଏସପି, ଏଏସପିଙ୍କ ବଦଳି ଦାବି

■ଏମପି ରମେଶ ଚନ୍ଦ୍ର ମାଝି ଓ ସଞ୍ଜୟ ଦାସବର୍ମାଙ୍କ ମନ୍ତବ୍ୟକୁ ନିନ୍ଦା

ନବରଙ୍ଗପୁର,୨୮।୧୨(ବି.ପ୍ର.)

କୋଷାଗୁମୁଡା ବ୍ଲକ ବାମୁଣି ପଞ୍ଚାୟତର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲା ସମ୍ପର୍କରେ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ କାର୍ଯ୍ୟକାରୀ ଜିଲା ସଭାପତି ମୁନା ତ୍ରିପାଠୀ ଯୋଗ ଦେଇ ଜିଲା ବନ୍ଦକୁ ନେଇ ବିଜେଡି ପକ୍ଷରୁ ଦିଆଯାଇଥିବା ବିବୃତିକୁ ତୀବ୍ର ନିନ୍ଦା କରିଥିଲେ। ବଳାତ୍କାର ଓ ହତ୍ୟା ଘଟଣାର ୧୫ଦିନ ପରେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନଥିବାରୁ ଏସପିଙ୍କ ବଦଳି ଦାବି କରିଛନ୍ତି । ଏମପି ରମେଶ ଚନ୍ଦ୍ର ମାଝୀ କଂଗ୍ରେସର ବନ୍ଦକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିବା ନିନ୍ଦନୀୟ । ନାବାଳିକା ଗଣବଳାତ୍କାର ଓ ହତ୍ୟା କାରଣରୁ ଜିଲା ବନ୍ଦକୁ ନିନ୍ଦା କରିବା ମା'ମାଟିକୁନିନ୍ଦା କରିବା ସହ ସମାନ ବୋଲି କହିଥିଲେ । ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ସଂଜୟ ଦାସବର୍ମା ମନ୍ତବ୍ୟକୁ ମଧ୍ୟ ନିନ୍ଦା କରାଯାଇଛି । ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ସତ ନୁହେଁ ବୋଲି ସେ କେଉଁ ଆଧାରରେ କହିଥିଲେ ବୋଲି ପ୍ରଶ୍ନ କରିଛନ୍ତି । ଘଟଣାର ୧୫ଦିନ ପରେ ମଧ୍ୟ ଅପରାଧୀଙ୍କୁ ନଧରିବା, ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଲୁଚାଇ ରଖିବା, ଏ ପର୍ଯ୍ୟନ୍ତ ପରିବାର ଲୋକଙ୍କୁ ଏତଲା କପି ଦିଆଯାଇ ନଥିବାବେଳେ ସଞ୍ଜୟ କିଭଳି ଏହି ଘଟଣା ସତ ନୁହେଁ ବୋଲି ମନ୍ତବ୍ୟ ଦେଇଛନ୍ତି । ସେ ଏହି ଜିଲାକୁ ଆସି ନଥିବାବେଳେ ଘଟଣାସ୍ଥଳକୁ ଯାଇ ନାହାନ୍ତି । କିଭଳି ଘଟଣାର ସତ୍ୟତା ନାହିଁ ବୋଲି ଜାଣିଲେ । ସେ ଜିଲାର ମା'ଭଉଣୀଙ୍କ ପ୍ରତି ଅପମାନ କରିଛନ୍ତି । ତେଣୁ କ୍ଷମା ମାଗିବାକୁ ଦାବି କରିଛନ୍ତି। ବନ୍ଦ ପାଳନ ବେଳର ସମସ୍ତ ଭିଡିଓ ରେକର୍ଡିଂକୁ ଏଆଇସିସି ଓ ପିସିସିକୁ ଜିଲା କଂଗ୍ରେସ ପକ୍ଷରୁ ଦିଆଯିବ । କେଉଁ ସମୟରେ କାର ଜଳିଲା, କେଉଁ ସମୟରେ ପୂର୍ବତନ ଏମପି ପ୍ରଦୀପ ମାଝି ବୟାନ ଦେଇଥିଲେ, ପୂରା ବୟାନ କଣ ଥିଲା ସମସ୍ତ ତଥ୍ୟ ଦିଆଯିବ । ବନ୍ଦ ପାଳନକୁ ନେଇ ପୂର୍ବଦିନ ଥାନାକୁ ଡାକି ନବରଙ୍ଗପୁର ଏସପି ଆଲୋଚନା କରିଥିଲେ । ତେବେ ପୂର୍ବାହ୍ନ ୧୧ଟାରେ ଚାଉଁରିଆଗୁଡା ଠାରେ ଅତିରିକ୍ତ ଏସପି ଓ ଥାନା ଅଧିକାରୀ ପହଞ୍ଚିଥିଲେ। ଅଟିକିଥିବା ବସ, ଟ୍ରକକୁ ଛାଡିଦେବା, ରାସ୍ତା ଅବରୋଧ କରି ଜଳୁଥିବା ଟାୟାରକୁ ଫୋପାଡିବା ସହ ଧାରଣାରେ ବସିଥିବା କଂଗେସ କର୍ମୀଙ୍କୁ ଘଉଡାଇବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ପୂର୍ବତନ ଏମପି ପ୍ରଦୀପ ଓ କାର୍ଯ୍ୟକାରୀ ଜିଲା ସଭାପତି ମୁନା ପହଞ୍ଚିବା ପରେ ପରିସ୍ଥିତି ଅଧିକ ଜଟିଳ ହୋଇଥିଲା । ଏଏସପିଙ୍କ କାରଣରୁ ଆନ୍ଦୋଳନରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେଣୁ ଏଏସପିଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରାଯାଇଛି । ସେହିପରି ଏସପି ନିଜର ପଦମର୍ଯ୍ୟାଦା ଠିକ ଭାବେ ପାଳନ ନକରିବାରୁ ତାଙ୍କୁ ତୁରନ୍ତ ଜିଲାରୁ ହଟାଇବାକୁ ରାଜ୍ୟ ସରକାର ତଥା ଗୃହବିଭାଗ ନିକଟରେ ଦାବି କରଛନ୍ତି । ପୂର୍ବରୁ ବିଧାୟକ ମନୋହର ରନ୍ଧାରୀ ସହରକୁ ଧ୍ୱଂସ ବିଧ୍ୱଂସ କରିବେ ବୋଲି କହିବା ଓ ବିଜେଡି ଜିଲା ସଭାପତି ପାପଡାହାଣ୍ଡି ବିଡିଓଙ୍କୁ ମାଡ ମାରିବା ଭଳି ଆତଙ୍କ ସୃଷ୍ଟି କରିଥିଲେ । ସେମାନଙ୍କର ବିରୋଧରେ କେଉଁ ଦଫା ଦାୟର କରାଯାଇଥିଲା ବୋଲି ପ୍ରଶ୍ନ କରିଥିଲେ । ତେବେ କଂଗ୍ରେସ ଜଣେ ମୃତା ନାବାଳିକାଙ୍କ ନ୍ୟାୟ ପାଇଁ ଲଢେଇ କରୁଥିବାବେଳେ ବିଜେଡି ଘଟଣାକୁ ଚପାଇବାକୁ ଉଦ୍ୟମ କରିବାକୁ ସେ ନିନ୍ଦା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସଦନ ନାୟକ, ପିସିସିର ପୂର୍ବତନ ସଙ୍ଗଠନ ସମ୍ପାଦକ ସରୋଜ ପାତ୍ର, ଜିଲା ସମ୍ପାଦକ ପ୍ରଦୀପ ସାହୁ, ଫାରୁକ ଅବଦୁଲା, କୁନା ପାଢୀ, ନଗର ସଭପତି ଉତମ ତ୍ରିପାଠୀ, ଅବଦୁଲ ଫିରୋଜ, ବରିଷ୍ଠନେତା ଜୀବନ ରାମ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଓ ଅନ୍ୟମାନେ ।

### ରାଜରାସ୍ତାକୁ ଓହ୍ଲାଇବୁ: ଖ୍ରୀଷ୍ଟିୟାନ ସମାଜ

ନବରଙ୍ଗପୁର୨୮।୧୨(ବି.ପ୍ର.)– ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ପରେ କଂଗ୍ରେସ ଓ ବିଜେଡି ଭିତରେ ଆରୋପ ପ୍ରତ୍ୟାରୋପ ଚାଲିଛି । ଏଭଳି ସ୍ଥଳେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ଖ୍ରୀଷ୍ଟିୟାନ ସମାଜର ସଭାପତି ହିମାଂଶୁ ଶେଖର ବାଗଙ୍କ ମନ୍ତବ୍ୟ ପୋଲିସ ଓ ସରକାରଙ୍କୁ ଆଉ ଏକ ଅଡୁଆ ଆଡକୁ ଟାଣି ନେଇଛି । ହିମାଂଶୁ କହିଛନ୍ତି ଯେ, ଘଟଣାକୁ ୧୫ ଦିନ ବିତିଗଲା। ଆଶା ରଖିଥିଲୁ ପରିବାର ଓ ପୀଡିତା ଆତ୍ମାକୁ ସରକାର ନ୍ୟାୟ ଦେବ । ପୋଲିସ ନ୍ୟାୟ ଦେବାରେ ବିଫଳ ହୋଇଛି । ଯେଉଁ ନେତା ଓ ନେତ୍ରୀ ନ୍ୟାୟ ଦେବା ପାଇଁ ଲାଗିଛନ୍ତି । ତାଙ୍କ କଥାକୁ ମଧ୍ୟ ସରକାର ଦବାଇବାକୁ ଚେଷ୍ଟା କରୁଛି। ପୋଲିସ ଦ୍ୱାରା କୌଣସି ଭରସାଯୋଗ୍ୟ କଥା କୁହାଯାଇ ପାରୁ ନାହିଁ । ଏମପି ଓ ବିଧାୟକଙ୍କ ଦ୍ୱାରା କୌଣସି ଆସ୍ଥା ପାଇ ପାରୁ ନାହୁଁ । ପରିବାର ସହ ଖ୍ରୀଷ୍ଟିୟାନ ସମାଜ ଛିଡା ହୋଇ ରହିଛି । ଆଗାମୀ ଦିନରେ ପରିବାରକୁ ନ୍ୟାୟ ନ ମିଳେ ତେବେ ଖ୍ରୀଷ୍ଟିୟାନ ସମାଜ ରାଜରାସ୍ତାକୁ ଓହ୍ଲାଇବ । ସରକାର, ପ୍ରଶାସନ ଓ ପୋଲିସ ଉପରୁ ଭରସା ଉଠିଗଲାଣି । ସଂଜୟ ଦାସବର୍ମା ଯେଉଁ କଥା କହୁଛନ୍ତି ତାହାକୁ କୋଷାଗୁମୁଡା ବ୍ଲକ ଖ୍ରୀଷ୍ଟିୟାନ ସମାଜ ତୀବ୍ର ନିନ୍ଦା ଓ ଭର୍ତ୍ସନା କରୁଛୁ । ଏହି ଘଟଣାକୁ ଲୁଚାଇବା ଓ ଘୋଡାଇବା ପାଇଁ ସେ ଚେଷ୍ଟା କରୁଛନ୍ତି । ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବୁ , ନିଜର ଆହ୍ୱାନ ଜଣାଇବୁ, ଲିଖିତ ଭାବେ ମନ୍ତବ୍ୟ ଦେବୁ ଓ ଆବଶ୍ୟକ ପଡିଲେ ଆମରଣ ଅନଶନ କରିବୁ । ସରକାର ଠାରୁ ଆମେ ନ୍ୟାୟ ଚାହୁଁ । ଦାସବର୍ମା ଯେଉଁ ମନ୍ତବ୍ୟ ଦେଇଛନ୍ତି ସେ ଖ୍ରୀଷ୍ଟିୟାନ ସମାଜକୁ କ୍ଷମା ମାଗନ୍ତୁ, ଏମାନିରେ ଜନସାଧାରଣଙ୍କୁ କ୍ଷମା ମାଗନ୍ତୁ ବୋଲି କହିଛନ୍ତି।

## ■ସଂଜୟ ଦାସବର୍ମାଙ୍କ କୁଶପୁତ୍ତଳିକା ଦାହ

# କ୍ଷମା ମାଗନ୍ତୁ, ନଚେତ ଜିଲାରେ ପୂରାଇ ଦେବୁନୁ : ଜିଲା ମହିଳା କଂଗ୍ରେସ

ନବରଙ୍ଗପୁର,୨୮।୧୨(ବି.ପ୍ର.)

ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ନାବାଳିକା ଗଣବଳାତ୍କାର ଓ ହତ୍ୟା ଘଟଣା ସତ୍ୟ ନୁହଁ ବୋଲି ବିବାଦୀୟ ବୟାନ ଦେବାପରେ ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ଏହାର ତିବ୍ର ନିନ୍ଦା କରାଯାଇଛି । ଜିଲା ସଭାନେତ୍ରୀ ପି.ନାଗରତ୍ନମାଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖ ତଥା ୨୬ ନମ୍ବର ଜାତୀୟ ରାଜପଥରେ ଦାସବର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଗତ ୧୩ ତାରିଖ ରାତିରେ କୋଷାଗୁମୁଡା ବ୍ଲକ ବାମୁଣୀ ପଞ୍ଚାୟତର ଜଣେ ନାବାଳିକାଙ୍କୁ ଗଣ ବଳାତ୍କାର ଓ ହତ୍ୟା କରାଯାଇଛି । ତେବେ ସଞ୍ଜୟ ଦାସବର୍ମା ଘଟଣା ସତ୍ୟ ନୁହେଁ ବୋଲି ବିବୃତି ଦେବା କେତେଦୂର ଯଥାର୍ଥ ଜିଲା ମହିଳା କଂଗ୍ରେସପକ୍ଷରୁ ପ୍ରଶ୍ନ କରାଯାଇଛି । ଏହି ଜିଲାର ନାବାଳିକା ପ୍ରତି ହୋଇଥିବା ବଳାତ୍କାରକୁ ମିଥ୍ୟା ବୋଲି କହିବା ନେଇ ତାର ନିନ୍ଦା କରାଯାଇଛି । ସେ ତୁରନ୍ତ କ୍ଷମା ମାଗନ୍ତୁ ନଚେତ ଜିଲା ମହିଳା କଂଗ୍ରେସ ଦାସବର୍ମାଙ୍କୁ ନବରଙ୍ଗପୁର ଜିଲାକୁ ପୁରାଇ ଦେବେ ନାହିଁ ବୋଲି ଚେତାବନୀ ଦିଆଯାଇଛି । ସେ ଜିଲାର ବିଜେଡି ପର୍ଯ୍ୟବେକ୍ଷକ ହୋଇ ହୀନରାଜନୀତି କରୁଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତି ତ୍ରିପାଠୀ, ପ୍ରଣତି ତ୍ରିପାଠୀ, ବାସନ୍ତୀ ମଂଜରୀ ନାଗ, ପ୍ରେମସୁନ୍ଦରୀ ନାଗ, ଦିନ ମଣି ଗରଡା, ମାଧବୀ ସୁନା, ଅଞ୍ଜଳି ବାଘ, କମଳା ନାଗ, ସୁଭଦ୍ରା ବାଘ, ହୁରୁ ବାନୋ, ଆଇସା ବାନୁ, ହୁସୁନା ବାନୁ, ପଦ୍ମିନୀ ଶାନ୍ତା ଓ ପ୍ରମିଳା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ ।



ସଞ୍ଜୟ ଦାସବର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# କୁନି ମାଢିଙ୍କୁ ସହାୟତାର ହାତ ବଢାଇଲେ ବିଧାୟକ

ମାଲକାନଗିରି, ୨୮।୧୨(ଡି.ଏନ୍.ଏ.)

ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଆଦିବାସୀ ଛାତ୍ରୀ କୁନି ମାଢିଙ୍କୁ ବିଧାୟକ ଆଦିତ୍ୟ ମାଢ଼ି ଶନିବାର ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କୁନିଙ୍କ ପାଠପଢା ସହ ଖେଳର ସମସ୍ତ ଦାୟିତ୍ୱ ସେ ନେବେ ବୋଲି ବିଧାୟକ କହିଛନ୍ତି। ବିଧାୟକ କୋରୁକୋଣ୍ଡା ବ୍ଲକ କୋୟାଗୁଡା ଗ୍ରାମକୁ ଯାଇ କୁନିଙ୍କ ବାପା କେସା ମାଢି ଓ ମା' ମୁକେଙ୍କୁ ସାକ୍ଷାତ କରିଥିଲେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ କୁନି ମା କେଲଗୁଡାସ୍ଥିତ ଶିଶୁ ଗୃହରେ ରହି ପଢୁଛନ୍ତି। କୁନିଙ୍କ ପାଠପଢା ସହ ଖେଳର ସମସ୍ତ ଖର୍ଚ୍ଚ ଏବଂ ଦାୟିତ୍ୱ ସେ ନେବେ ବୋଲ ବିଧାୟକ ମାଢି କହିଛନ୍ତି। ସେଠାରେ ସେ କୁନିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ସମ୍ମାନୀତ କରିଥିଲେ। ପ୍ରକାଶ ଯେ, କୁନି ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ୧ଶହ ମିଟର ରିଲେ ଦୌଡ଼ରେ ସ୍ୱର୍ଣ୍ଣ ଓ ଲମ୍ଫ ଡିଆଁରେ ରୌପ୍ୟ ପଦକ ହାସଲ କରିଛନ୍ତି।


ବିଧାୟକ କୁନିଙ୍କୁ ସମ୍ମାନିତ କରୁଛନ୍ତି।

# ସିଟ୍ରନେଲା ଘାସ ଚାରାରୋପଣ

■ଘାସରେ ତିଆରି ହେବ ମଶା ଘଉଡାଇବା ଧୂପକାଠି

■ଔଷଧୀୟ କ୍ଷେତ୍ରରେଏହି ଘାସ ବ୍ୟବହାର ହୋଇଥାଏ

ନବରଙ୍ଗପୁର,୨୮।୧୨(ବି.ପ୍ର)

କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧି ଫସଲ ପ୍ରତିଷ୍ଠାନ (ସିମାପ) ଲକ୍ଷ୍ନୌ ପକ୍ଷରୁ ଶନିବାର ନବରଙ୍ଗପୁର ଜିଲାରେ ମଶା ଘଉଡାଇବା ଘାସ ସିଟ୍ରନେଲା ଚାରାରୋପଣ କରାଯାଇଛି। ନନ୍ଦାହାଣ୍ଡି ବ୍ଲକର ନୂଆଗଡ ଗ୍ରାମର କମକାନ୍ତ ନାଇକଙ୍କ ଜମିରେ ସିଟ୍ରନେଲା ଚାଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟ କୃଷି ଜିଲା ଅଧିକାରୀ ବ୍ରଜକିଶୋର ଲେଙ୍କା ଓ ଡିପିଡି ଆତ୍ମା କମଲଲୋଚନ ନାୟକ ମିଳିତ ଭାବେ ସିଟ୍ରନେଲା ଘାସ ଚାରା ରୋପଣ କରିଥିଲେ । ନବରଙ୍ଗପୁର ଜିଲାର ନିଳାଦ୍ରିଗୁଡାର ଆରତୀ ନାୟକ, ସରୁଗୁଡାର କମକଳା ନାୟକ ଓ ଲହରାକାନିର ପିତବାସ ଜାନୀ ଓ ସରୁଗୁଡାର କୃଷ ନାୟକଙ୍କ ଜମିରେ ଏହି ଚାଷ ଆରମ୍ଭ କରାଯାଇଛି। ମୋଟ ୫ଏକରରେ ଚାଷ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି। ପରବର୍ତ୍ତୀ ସମୟରେ ୨୫ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସାମିଲ କରାଯିବାର ପ୍ରସ୍ତାବ ରହିଛି। ଏହି ଘାସରୁ ମଶାମରା ଧୂପକାଠି ହେବା ସହ ଔଷଧୀୟ ଶିଳ୍ପରେ ବ୍ୟବହାର ହୋଇଥାଏ । କେନ୍ଦ୍ରୀୟ ଔଷଧୀୟ ବୃକ୍ଷ ଓ ସୁଗନ୍ଧି ଫସଲ ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡଃ ଅଜିତ କୁମାର ଶାସନି କହିବା ଅନୁସାରେ ଜଳସେଚନ ସୁବିଧା ଥିଲେ ଏହି ଘାସ ଚାଷ କରି ବର୍ଷକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ହୋଇପାରିବ । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଲକ୍ଷ୍ନୌରେ ତାଲିମ ଦେବା ସହ କୃଷକମାନଙ୍କୁ ଉଚିତ ବଜାର ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ମଧ୍ୟ ଡଃ ଶାସନି କହିଛନ୍ତି । ପ୍ରତି ଏକରରେ ବର୍ଷକୁ ୪ଥର ଘାସ ଚାଷ କରାଯାଇ ତେଲ ବାହାର କରାଯାଇପାରିବ ବୋଲି କ୍ଷେତ୍ର ସହାୟିକା ରିତା ବିର୍ତ୍ତିଆ ପ୍ରକାଶ କରିଛନ୍ତି । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହାୟତାରେ ନବରଙ୍ଗପୁର ଜିଲାରେ ଚାଲିଥିବା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ନବରଙ୍ଗପୁର ଜିଲାର ସାମାଜିକ ଓ ଅର୍ଥନୈତିକ ଉନ୍ନତି କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଚାରାରୋପଣ କରାଯାଇଛି। ନବରଙ୍ଗପୁର ଜିଲାର ବିକାଶ ପାଇଁ ସିମାପ ଭଳି ଅନ୍ୟ ୧୧ଟି ଜାତୀୟ ସଂସ୍ଥା କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ କମଲେଶ ସାହୁ ସହଯୋଗ କରିଥିଲେ ।


ଘାସ ଚାରା ବିତରଣ କରାଯାଉଛି ।

### କଂଗ୍ରେସର ପ୍ରତିଷ୍ଠା ଦିବସ

ମାଲକାନଗିରି, ୨୮।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ଦଳର ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସ୍ଥାନୀୟ କଂଗ୍ରେସ ଭବନରେ କଂଗ୍ରେସର ବରିଷ୍ଠ ନେତା ଗୋବିନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାମ ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଭକ୍ତ, ଛବିଦାସ, ପଦ୍ମ ପାଙ୍ଗି, ପେଣ୍ଡା ପ୍ରସାଦ ପଣ୍ଡାଙ୍କ ସହ ବହୁ ଦଳୀୟ ନେତା ଓ କର୍ମୀ ଯୋଗସେଇଥିଲେ। ଦେଶ ସ୍ୱାଧୀନରେ ଦଳର ଭୂମିକା ସମ୍ପର୍କରେ ସେ ଆଲୋଚନା ହୋଇଥିଲା। ଦେଶ ସ୍ୱାଧୀନ କରିବାକୁ ଦଳର ବହୁ ନେତା ପ୍ରାଣବଳୀ ଦେଇଛନ୍ତି। ସ୍ୱାଧୀନତା ପରେ ମଧ୍ୟ ଜବାହରଲାଲ ନେହେରୁ, ଲାଲାବାହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ରାଜିବ ଗାନ୍ଧୀଙ୍କ ଭଳି ନେତାଙ୍କ ନେତୃତ୍ୱରେ ଦେଶ ଆଗେଇଛି ବୋଲି ଆଲୋଚନା ହୋଇଥିଲା।



# ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଉମରକୋଟ,୨୮।୧୨(ଡି.ଏନ.ଏ)– ଉମରକୋଟ ଥାନା ଅନ୍ତର୍ଗତ ସେମେଲା ଗ୍ରାମ ନିକଟରେ ଥିବା ନାଳରୁ ଶନିବାର ଅପରାହ୍ନରେ ଏକ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଉମରକୋଟ ସହର ଡଙ୍ଗରିସାହିର ରଘୁ ହରିଜନ। ସେ ଗତ ୨ ଦିନ ହେଲା କୁଆଡେ ଯାଇ ଘରକୁ ଫେରି ନ ଥିଲେ। ଶନିବାର ତାଙ୍କ ମୃତଦେହ ପଡିଥିବା ଖବର ପାଇ ପରିବାର ଲୋକେ ପହଞ୍ଚି ଚିହ୍ନଟ କରିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

# ବିଡିଓଙ୍କ ବଦଳିକୁ ନେଇ ତେଜୁଛି ରାଜନୀତି

■ବିଡିଓଙ୍କୁ ଫେରାଇ ଆଣିବାକୁ ଶୁକ୍ରବାର ଦିଆଯାଇଥିଲା ଦାବିପତ୍ର

■ଦାବିପତ୍ର ଦେଇଥିବା ବ୍ୟକ୍ତିଙ୍କ ନାଁରେ ଶନିବାର ଏତଲା ଦେଲେ ଅନ୍ୟ ଲୋକପ୍ରତିନିଧି

ଖଇରପୁଟ, ୨୮।୧୨(ଡି.ଏନ୍.ଏ.)

ଖଇରପୁଟ ବିଡିଓ ବିଶ୍ୱଜିତ୍ ବର୍ମନଙ୍କ ବଦଳିକୁ ନେଇ ଜୋର ଧରିଛି ରାଜନୀତି। ବିଡିଓଙ୍କ ବଦଳି ଦାବିରେ ବ୍ଲକ କାର୍ଯ୍ୟାଳୟ ଓ ଖଇରପୁଟ ବନ୍ଦରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବିପକ୍ଷ ଦଳର ଜଣେ ସଦସ୍ୟ ଏବେ ତାଙ୍କ ସପକ୍ଷରେ। ବିଡିଓଙ୍କୁ ଫେରାଇ ଆଣିବାକୁ ସେ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ କିନ୍ତୁ ଶନିବାର ଦାବିପତ୍ର ଦେଇଥିବା ଉପରୋକ୍ତ ସଦସ୍ୟଙ୍କ ବିରୋଧରେ ସ୍ଥାନୀୟ ମୁଦୁଲିପଡ଼ା ଥାନାରେ ଏତଲା ଦେଇଛନ୍ତି ଅନ୍ୟ କେତେକ ଲୋକ ପ୍ରତିନିଧି। ବିଡିଓଙ୍କଠାରୁ ନିଜ ସ୍ୱାର୍ଥ ହାସଲ କରି ସେ ଏଭଳି କରି ଥାଇ ପାରନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଖଇରପୁଟ ବିଡିଓ ବିଶ୍ୱଜିତ ବର୍ମନଙ୍କ ବଦଳି ଦାବି ନେଇ କିଛିଦିନ ତଳେ ବ୍ଲକ ଅଧ୍ୟକ୍ଷାଙ୍କ ସହ ଲୋକ ପ୍ରତିନିଧି ଓ ଜନସାଧାରଣ ଦୁଇଦିନ ଧରି ବ୍ଲକ କାର୍ଯ୍ୟାଳୟ ସହ ଖଇରପୁଟ ବନ୍ଦ କରିଥିଲେ। ନବରଙ୍ଗପୁର ଏମ୍ପି ରମେଶ ମାଝି ବିଡିଓଙ୍କୁ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ ଏହି ଘଟଣାରେ ଶୁକ୍ରବାର ନୂଆମୋଡ଼ ଦେଖିବାକୁ ମିଳିଥିଲା । ଯେତେବେଳେ ଏହି ଆନ୍ଦୋଳନର ମୁଖ୍ୟ ସଦସ୍ୟ ଚିତ୍ତରଞ୍ଜନ ପଟ୍ଟନାୟକ ବିଡିଓଙ୍କ ସପକ୍ଷରେ ବାହାରିଥିଲେ। ସେ କେତେକ ଯୁବକଙ୍କୁ ନେଇ ବିଡିଓଙ୍କୁ ଫେରାଇ ଆଣିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଶନିବାର ଏହାର ପ୍ରତିବାଦରେ ବ୍ଲକ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ, ବ୍ଲକ ଉପାଧ୍ୟକ୍ଷା ମୁଦୁଲିପଡା ଥାନାରେ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଚିତ୍ତରଞ୍ଜନ ବିଡିଓଙ୍କ ବଦଳି ଦାବିକରି ଗତ ଦିନରେ ହୋଇଥିବା ଆନ୍ଦୋଳନକୁ ଜୋରଦାର କରିଥିଲେ। ବୋଧହୁଏ ବିଡିଓଙ୍କଠୁ ନିଜର ସ୍ୱାର୍ଥ ହାସଲ କରି ଏବେ ସେ ତାଙ୍କ ସପକ୍ଷରେ ବାହାରୁଛନ୍ତି ବୋଲି ଲୋକ ପ୍ରତିନିଧିମାନେ କହିଛନ୍ତି। ବିଡିଓ ଆଗାମୀ ଦିନରେ ଯଦି ନିଜ କାର୍ଯ୍ୟରେ ଯୋଗ ଦିଅନ୍ତି ତେବେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସେମାନେ କହିଛନ୍ତି।


ଥାନାଧିକାରୀଙ୍କୁ ଏତଲା ଦେବାକୁ ଆସିଥିବା ଲୋକପ୍ରତିନିଧିମାନେ ।

## ■ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ବୈଠକ

# ଜାନୁୟାରୀ ୨୧ରେ ଗଣ ବିକ୍ଷୋଭ

ମାଲକାନଗିରି, ୨୮।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ଜିଲାସ୍ତରୀୟ ବୈଠକ ସ୍ଥାନୀୟ ତାରିଣୀ ମନ୍ଦିରରେ ପ୍ରଦୀପ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚର ରାଜ୍ୟ ସଭାପତି ଜୟନ୍ତ ଦାସ ଯୋଗ ଦେଇଥିଲେ। ରାଜ୍ୟ ସରକାର ଜମାକାରୀଙ୍କୁ ପ୍ରତାରିତ କରିଛନ୍ତି ବୋଲି ସେ କହିଥିଲେ। ସରକାର ଜମାକାରୀ ସଂସ୍ଥା ମାଲିକଙ୍କୁ ଗିରଫ କରିବା ସହ ସେମାନଙ୍କର ସମ୍ପତି ଜବତ କଲେ। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଜମାକାରୀ ଅସନ୍ତୋଷକୁ ଦେଖି ସେମାନଙ୍କ ଟଙ୍କା ଫେରସ୍ତ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଭୋଟ ନେଲେ। ୩୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଘୋଷଣା କରିଥିଲେ। ପ୍ରଥମେ ପାତ୍ର କମିଶନ ପରେ ୨୦୧୮ରେ ମଦନମୋହନ ଦାସ କମିଶନ, ଜମାକାରୀଙ୍କ ଠାରୁ ସତ୍ୟପାଠ ନେଲେ। ଏହାପରେ ସରକାର ୧୦ ହଜାର ଟଙ୍କାରୁ ଅଧିକ ଟଙ୍କା ହରାଇଥିବା ଜମାକାରୀଙ୍କୁ ଚିହ୍ନଟ ନ କରିବା, ସମସ୍ତ ଜମାକାରୀଙ୍କ ଜମା ପ୍ରମାଣ ଡିଜିଟାଲ ନ କରିବା, ରାଜ୍ୟରେ ୧୨୦୦ କମ୍ପାନୀ ଠକିଥିବା ବେଳେ ସରକାର ମାତ୍ର ୩୦୦ କମ୍ପାନୀ ବିରୋଧରେ ୬୦୦ଟି ମକଦ୍ଦମା ପଞ୍ଜୀକରଣ କରି ତଦନ୍ତ ନ ବଢାଇବା, ଓଡିଶା ଜମାକାରୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ବୈଠକରେ ନିନ୍ଦା କରା ଯାଇଥିଲା। ତହସିଲ ଜରିଆରେ ଜମାକାରୀଙ୍କ ଚିହ୍ନଟ, ଯାଞ୍ଚ ଓ ଟଙ୍କା ଫେରସ୍ତ ଦାବିରେ ତୁରନ୍ତ ଜମାକାରୀଙ୍କ ଅର୍ଥ ଫେରସ୍ତ ନ କରାଗଲେ ଜାନୁୟାରୀ ୨୧ରେ ଜିଲାରେ ଥିବା ସମସ୍ତ ଜମାକାରୀ ସତ୍ୟାଗ୍ରହ ଆନ୍ଦୋଳନ କରିବେ ବୋଲି ବୈଠକରେ ନିଷ୍ପତି ନିଆ ଯାଇଛି। ସଭାରେ ଅଖିଳ ଚନ୍ଦ୍ର ତାପାଲି,ଜଗଦୀଶ ଚନ୍ଦ୍ର ପୋରୀ, ଭଗତ ଦୋରା, ପୀତାମର ଖେମୁଡୁ ପ୍ରମୁଖଙ୍କ ସହ ୭୦ରୁ ଊର୍ଦ୍ଧ୍ୱ ଜମାକାରୀ ଉପସ୍ଥିତ ଥିଲେ।


ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ବୈଠକ ଚାଲିଛି।

## ସଂକ୍ଷେପରେ

### କୁକୁଡ଼ାଗାଲିରେ ଚଢ଼ାଉ, ୬ ଗିରଫ

ବୈପାରୀଗୁଡ଼ା୨୮।୧୨(ଡି.ଏନ୍.ଏ.): ବାରମ୍ବାର ପୋଲିସ ଚଢ଼ାଉ ସତ୍ତ୍ୱେ ବୈପାରୀଗୁଡ଼ା ଥାନା ଇଲାକାରେ ଜୁଆ ଓ କୁକୁଡ଼ା ଗାଲି ବନ୍ଦ ହେଉନାହିଁ। ଶନିବାର ବାଲିଗାଁ ପଞ୍ଚାୟତ ହଣ୍ଡାଯୋଡ଼ି ଗ୍ରାମ ନିକଟରେ କୁକୁଡ଼ା ଗାଲି ଚାଲୁଥିବା ଖବର ପାଇ ଥାନା ଅଧିକାରୀ ମହେନ୍ଦ୍ର ସାହୁଙ୍କୁ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ସେମାନଙ୍କଠାରୁ ୬ ହଜାର ୯୬୦ ଟଙ୍କା, ୬ଟି ମୋବାଇଲ, ୬ଟି କୁକୁଡ଼ା, ୬ଟି କାତି ଜବତ ହୋଇଛି।

### ଟ୍ରାଫିକ ସଚେତନତା ପାଇଁ ଉପହାର



କୁନ୍ଦୁରା,୨୮।୧୨(ଡି.ଏନ୍.ଏ.): କୁନ୍ଦୁରା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ଶନିବାର ଅଭିନବ ଉପାୟରେ ଟ୍ରାଫିକ ନିୟନ୍ତ୍ରଣ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶାସ୍ତ୍ରୀ ମଇଦାନରେ ଚାଲିଥିବା ବାଘାଯତୀନ ଗଣନାଟ୍ୟର କଳାକାର, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁରେନ୍ଦ୍ର ପରଜା, ସ୍ଥାନୀୟ ଜନତା ମିଶି ବାଇକ ଆରୋହୀ, ଭାରିଯାନ ଚାଳକଙ୍କୁ ଗୋଲାପ, ଚକୋଲେଟ୍ ଦେଇ ଟ୍ରାଫିକ ସଚେତନ କରିଛନ୍ତି। ବାଇକ୍ ଚାଳକ ହେଲମେଟ୍ ପିନ୍ଧିବା, କାର୍ ଚାଳକ ସିଟ୍ ବେଲ୍ଟ ବାନ୍ଧିବା ଓ ନିଶା ସେବନ କରି ଗାଡ଼ି ନ ଚଳାଇବା ପାଇଁ ପରାମର୍ଶ ଦିଆଯାଇଛି।

### କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ



ଜୟପୁର,୨୮।୧୨(ନି.ପ୍ର./ଡି.ଏନ୍.ଏ.): ଜୟପୁର ଜିଲା କଂଗ୍ରେସ ଭବନରେ ଶନିବାର କଂଗ୍ରେସର ୧୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା କଂଗ୍ରେସ ଭବନରେ ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି ପତାକା ଉତ୍ତୋଳନ କରିଥିବା ବେଳେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, କୃଷ୍ଣଚନ୍ଦ୍ର ନେପାକ, ବିନୋଦ ମହାପାତ୍ର, ନରେନ୍ଦ୍ର ମହାନ୍ତି, ରାମ ନାୟକ, ଗଙ୍ଗାଧର ସାହୁ, ରାଧାନାଥ ମହାପାତ୍ର, ହାସାନ ମଦାନୀ, ମଦନ ନାୟକ, ଶିବ ପଟ୍ଟନାୟକ ଥିଲେ। କଂଗ୍ରେସ ଦଳ ଏକ ସର୍ବପୁରାତନ ଦଳ। ଏହାର ଆଦର୍ଶକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା।

■ ଆରମ୍ଭ ହେଲାଣି ବିଜେଡି ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା

# ଜିଲା ସଭାପତି ପାଇଁ ଆଶାୟୀ ଅନେକେ

ଜୟପୁର,୨୮।୧୨(ଡି.ଏନ୍.ଏ.)

ବିଜେଡିର ପଞ୍ଚାୟତ, ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ଦଳୀୟ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଫେବୃୟାରୀ ସୁଦ୍ଧା ସମସ୍ତ ଜିଲା ସଭାପତି ଚୟନ କରାଯିବ। କୋରାପୁଟ ଜିଲା ବିଜେଡି ଶୁକ୍ରବାର ନିର୍ବାଚନ ପାଇଁ ସାଂଗଠନିକ ବୈଠକ କରିବା ସହ ବିଭିନ୍ନ ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ତେବେ ଦଳର ଜିଲା ସଭାପତି ପାଇଁ ବହୁ ବରିଷ୍ଠ ନେତା ଆଶାବାଦୀ ହେଲେଣି। ରାଜ୍ୟ ନେତୃତ୍ୱ କୋରାପୁଟ ଜିଲାର ଦାୟିତ୍ୱ କେଉଁ ନେତାଙ୍କୁ ଅର୍ପଣ କରିବେ, ସେନେଇ ନେତା–କର୍ମୀ ମହଲରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

ବିଜେଡି ଜିଲା ସଭାପତି ଦୌଡ଼ରେ ଏକାଧିକ ବରିଷ୍ଠ ନେତା ରହିଛନ୍ତି। ଏମାନଙ୍କ ମଧ୍ୟରେ ବର୍ତ୍ତମାନର ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ସମେତ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାଶ, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ବିଧାୟକ ରଘୁରାମ ପଡାଲ ଅଛନ୍ତି। କୋରାପୁଟ ଏକ ଆଦିବାସୀ ବହୁଳ ଜିଲା ହୋଇଥିବାରୁ କୌଣସି ଆଦିବାସୀ ନେତାଙ୍କୁ ଏହି ଦାୟିତ୍ୱ ଦିଆଯିବା ସମ୍ଭାବନ ରହିଛି। ଅନ୍ୟପକ୍ଷରେ ଜିଲାରେ ଅଧିକାଂଶ ନିର୍ବାଚିତ ପଦବୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ତେଣୁ ସାଧାରଣ ବର୍ଗଙ୍କୁ ସଭାପତି ପଦବୀ ଦିଆଯାଇ ସନ୍ତୁଳନ ରକ୍ଷା ସହ ସଂଗଠନ ଦୃଢ଼ କରିବାକୁ ରାଜ୍ୟ ନେତୃତ୍ୱ ଚାହୁଁଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି। ବର୍ତ୍ତମାନର ସଭାପତି ଈଶ୍ୱର ପାଣିଗ୍ରାହୀ ବିହନ ନିଗମର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ରାଜ୍ୟସ୍ତରୀୟ ପଦବୀରେ ଥିବା ଜିଲାର ଅନ୍ୟ ନେତାଙ୍କୁ ବାଦ୍ ଦେଲେ ଏହି ପଦବୀ ପାଇଁ ପୂର୍ବତନ ମନ୍ତ୍ରୀ ନନ୍ଦ, ବିଧାୟକ ଦାଶ, ପାଙ୍ଗୀ ଓ ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କାଙ୍କ ନାଁ ରହିଛି। ପୂର୍ବତନ ବିଧାୟକ ଦାଶଙ୍କ ନାମରେ ଭିଜିଲାନ୍ସ ମାମଲା ହାଇକୋର୍ଟରେ ରହିଛି। ପୂର୍ବତନ ବିଧାୟକ ପାଙ୍ଗୀ ନିଜ ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନର ବିଧାୟକଙ୍କ ସହ ଅନ୍ତର୍ବିବାଦ ଯୋଗୁ ତାଙ୍କୁ ବିରୋଧ କରିବାକୁ ଗୋଟିଏ ଗୋଷ୍ଠୀ ପ୍ରସ୍ତୁତ ରହିଛନ୍ତି। ତେଣୁ ଜିଲା ସଭାପତି ଦାୟିତ୍ୱ କାହା ହାତକୁ ଯିବ, ସେନେଇ ନାନା ସଂଶୟ ରହିଛି। ଦଳୀୟ ସାଙ୍ଗଠନିକ ନିର୍ବାଚନ ପାଇଁ ପ୍ରକ୍ରିୟା ଥିଲେ ସୁଦ୍ଧା ଏହାର ଚୂଡ଼ାନ୍ତ ନିଷ୍ପତ୍ତି ରାଜ୍ୟ ସଙ୍ଗଠନ ଦାୟିତ୍ୱରେ ଥିବା ଯୁବନେତାଙ୍କ ଉପରେ ରହିଛି। ତାଙ୍କ ନିର୍ଦ୍ଦେଶ ମାନିବା ସହ ଜିଲାର ଦଳୀୟ ସଂଗଠନକୁ ଯିଏ ସମ୍ଭାଳିପାରିବେ, ତାଙ୍କୁ ହିଁ ଏହି ଦାୟିତ୍ୱ ମିଳିବ। ବର୍ତ୍ତମାନ ଜିଲାର ବିଭିନ୍ନ ବ୍ଲକରେ ଦଳୀୟ ଅନ୍ତର୍ବିବାଦ ଦେଖାଦେଇଛି। ପଟ୍ଟାଙ୍ଗି, ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଦଳ ଦୁଇ ଗୋଷ୍ଠୀରେ ବିଭାଜିତ ହୋଇଛି। କୋରାପୁଟ ନିର୍ବାଚନ ମଣ୍ଡଳୀର ଲମତାପୁଟ ବ୍ଲକ ଅଧ୍ୟକ୍ଷା ବିଜେଡି ସମର୍ଥିତ ହୋଇଥିଲେ ସୁଦ୍ଧା ତାଙ୍କୁ ପଦଚ୍ୟୁତ କରିବା ପାଇଁ ଦଳୀୟ ନେତାଙ୍କ ନିର୍ଦ୍ଦେଶରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ଯଦିଓ ଗତ ୨୩ ତାରିଖରେ କୋରମ ଅଭାବରୁ ଏହା ଖାରଜ ହୋଇଯାଇଛି। ଅନ୍ୟପକ୍ଷରେ ଆରମ୍ଭରୁ କଂଗ୍ରେସର ଗଡ଼ ଭାବେ ପରିଚିତ କୋଟପାଡ଼ରେ ପ୍ରଥମଥର ପାଇଁ ବିଜୟୀ ହୋଇ ପଦ୍ମିନୀ ଦିଆନ ଉପହାର ଭାବେ ମନ୍ତ୍ରୀପଦ ପାଇଥିଲେ। କିନ୍ତୁ ସେଠାରେ କେତେକ ବିଜେଡି କର୍ମୀ ଅସନ୍ତୁଷ୍ଟ ରହିଛନ୍ତି। ପରବର୍ତ୍ତୀ ସଭାପତି ପାଇଁ ଚାଲିଥିବା ଚର୍ଚ୍ଚା ବିଷୟରେ ବର୍ତ୍ତମାନର ଜିଲା ସଭାପତି ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ। ଏହି ଦାୟିତ୍ୱ ଯାହାକୁ ଦିଆଗଲେ ବି ସମସ୍ତେ ମିଳିତ ଭାବେ ସମର୍ଥନ ଦେବା ସହ ଦଳ ଓ ଜିଲା ପାଇଁ କାମ କରିବେ।

## ମାଣ୍ଡିଆ ଗାଡ଼ିରେ ଗଞ୍ଜେଇ ଚାଲାଣ



ଗିରଫ ହୋଇଥିବା ଅଭିଯୁକ୍ତମାନେ।

■ ୫ କୁଇଣ୍ଟାଲ ୬୦୦ ଗ୍ରାମ୍ ଗଞ୍ଜେଇ ଜବତ

■ ୨ ଗିରଫ ପରେ କୋର୍ଟ ଚାଲାଣ କଲା ପୋଲିସ

ଲମତାପୁଟ,୨୮।୧୨(ଡି.ଏନ୍.ଏ.)

ଲମତାପୁଟ ବ୍ଲକ ମାଛକୁଣ୍ଡ ଥାନା ୯୦୯ ଟ୍ରକ୍‌ରୁ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ମାଟାମପୁଟରୁ ଏକ ଧାନ, ମାଣ୍ଡିଆ, ସୁଆଁ ବୋଝେଇ ଟ୍ରକ୍ ଲମତାପୁଟ ଦେଇ ଜୟପୁର ଯାଉଥିଲା। ଲମତାପୁଟ ପୋଲିସ ସୂଚନା ପାଇ ଗାଡ଼ିକୁ ଥାନାକୁ ଆଣି ତଲାସି କରିବା ବେଳେ ଶସ୍ୟ ବୋଝେଇ ଭିତରୁ ୫ କୁଇଣ୍ଟାଲ ୬୦୦ ଗ୍ରାମ୍ ଗଞ୍ଜେଇ ପାଇଥିଲା। ଟ୍ରକ୍ ସହ ଏକ ବୁଲେଟ୍ ମଧ ଜବତ କରିଛି ପୋଲିସ। ଏଥିରେ ସମ୍ପୃକ୍ତ ବନମାଳି ମାଳି ଓ ହରିଶ୍ଚନ୍ଦ୍ର ଖରାଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଏସ୍‌ଡିପିଓ ତପନ ମହାନନ୍ଦ, ଓଆଇସି ଏସ୍.କେ. ପଣ୍ଡା, ଲମତାପୁଟ ଫାଣ୍ଡି ଅଧିକାରୀ ମହେଶ୍ୱର କିର୍ସାନି ସୂଚନା ଦେଇଛନ୍ତି।

## ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ଲୋକପ୍ରତିନିଧି




ପଞ୍ଚାୟତ ସମିତି ବୈଠକରେ ଏମ୍‌ପି ରମେଶ ମାଝିଙ୍କ ସହ ଅନ୍ୟ ଲୋକପ୍ରତିନିଧି।

କୋଟପାଡ଼,୨୮।୧୨(ଡି.ଏନ୍.ଏ.)

କୋଟପାଡ଼ ପଞ୍ଚାୟତ ସମିତି ବୈଠକକୁ ଶନିବାର ଜନପ୍ରତିନିଧିମାନେ ବର୍ଜନ କରିଛନ୍ତି। ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି, ସେମାନଙ୍କ ମନମୁଖୀ କାର୍ଯ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କୁ ଅଣଦେଖା ଅଭିଯୋଗରେ ଏଭଳି ବର୍ଜନ ନିଷ୍ପତ୍ତି ନେଇଥିଲେ ଲୋକ ପ୍ରତିନିଧି। ସେଠାରୁ ସେମାନେ ନିକଟସ୍ଥ ଭତରା ବିକାଶ ପରିଷଦ କାର୍ଯ୍ୟାଳୟକୁ ଯାଇ ଆଲୋଚନା କରିଥିଲେ। ପରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ବିଡିଓଙ୍କ ସହ ଆଲୋଚନା ପରେ ସମିତି ସଭ୍ୟ, ସରପଞ୍ଚଙ୍କୁ ବୁଝାସୁଝା କରି ପୁଣି ବ୍ଲକ କାର୍ଯ୍ୟାଳୟକୁ ଡାକି ଆଣିଥିଲେ । ବିଡିଓ ଅନୁପସ୍ଥିତ ରହୁଥିବା, ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା, ଜେଇଙ୍କ ନାମରେ କାର୍ଯ୍ୟାଦେଶ କରି ଠିକାଦାରଙ୍କ ଜରିଆରେ କାମ ହେଉଥିବା, ସରପଞ୍ଚ କିମ୍ବା ସମିତିସଭ୍ୟଙ୍କ କଥାକୁ ଗୁରୁତ୍ୱ ଦିଆଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ବିଡିଓ ଅଂଶୁମାନ ମହାପାତ୍ର କହିଥିଲେ, ସମସ୍ତ କାର୍ଯ୍ୟ ଜିଲା ଯୋଜନା ଅନୁମୋଦନ କ୍ରମେ କରାଯାଇଛି । ଏଥିରେ ବ୍ଲକ ପ୍ରଶାସନର ଭୂମିକା ନାହିଁ। ସମିତିସଭ୍ୟ, ସରପଞ୍ଚଙ୍କ ମଧ୍ୟରେ ମତଭେଦ ଯୋଗୁ ଏଭଳି ସମସ୍ୟା ହେଉଛି। ବୈଠକରେ ବ୍ଲକ ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀ, ଜିଲା ପରିଷଦ ସଭ୍ୟ ଦୁରୁପୁତା ଭତରା, ସନ୍ତୋଷ ଭଣ୍ଡାରୀ, ଉପାଧ୍ୟକ୍ଷ ରୁକମଣି ବିଷୋୟୀ ଉପସ୍ଥିତ ଥିଲେ। ଆସନ୍ତା ୭ରେ ପୁଣି ବୈଠକ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ଶ୍ରମ ବିଭାଗ ଚଢ଼ାଉ, ଠିକାଦାରଙ୍କୁ ନୋଟିସ

ଜୟପୁର,୨୮।୧୨(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକ ଚମ୍ପିଆକୁ ସଂଯୋଗ କରୁଥିବା ଏକ ପୋଲ ନିର୍ମାଣସ୍ଥଳୀରେ ଠିକାଦାର ୬ଜଣ ନାବାଳକଙ୍କୁ କାମ କରାଉଥିବା ନେଇ ସ୍ଥାନୀୟ ପୋଲିସ ସହାୟତାରେ ଶନିବାର ଚଢ଼ାଉ କରିଛି ଜୟପୁର ଶ୍ରମ ବିଭାଗ। ଯାଞ୍ଚବେଳ ସେମାନଙ୍କ ବୟସ ୧୭ରୁ ୧୮ ବର୍ଷ ମଧ୍ୟରେ ଥିବା ଜଣାପଡ଼ିଥିଲା। କିନ୍ତୁ ସେଠାରେ କାର୍ଯ୍ୟରତ ଶ୍ରମିକଙ୍କୁ ସରକାରଙ୍କ ନିର୍ଦ୍ଧାରିତ ମଜୁରୀ ବଦଳରେ କମ୍ ଦିଆଯାଉଥିବା ଶ୍ରମ ବିଭାଗ ଜାଣିବାକୁ ପାଇଥିଲା। ଏନେଇ ଠିକାଦାରଙ୍କୁ ନୋଟିସ କରାଯାଇଥିବା ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ପୋଲ ନିର୍ମାଣ କାମରେ ୬ଜଣ ନାବାଳକ କାମ କରୁଥିବା ଅଭିଯୋଗ ପାଇବା ପରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜୟପୁରସ୍ଥିତ ଜିଲା ଶ୍ରମ ଅଧିକାରୀ ପାଣିଗ୍ରାହୀ ଓ ବୋରିଗୁମ୍ମା ଥାନା ଅଧିକାରୀ ସଞ୍ଜୟ ମଣ୍ଡଳଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ ହୋଇଥିଲା।

■ ଜେଡ୍‌ଏସ୍‌ଏସ୍, ଆର୍‌କେଏସ୍ କର୍ମଚାରୀଙ୍କ ଚେତାବନୀ

## ପହିଲାରୁ ଅହୋରାତ୍ର ଧାରଣା

ଜୟପୁର,୨୮।୧୨(ନି.ପ୍ର.)

ଆସନ୍ତା ୧ ତାରିଖରୁ ଜିଲା ସ୍ୱାସ୍ଥ୍ୟ ସମିତି, ରୋଗୀ କଲ୍ୟାଣ ସମିତିର କର୍ମଚାରୀ ଧାରଣା ଦେବେ। ଏନେଇ ସେମାନେ ଜିଲାପାଳଙ୍କୁ ଲିଖିତ ଜଣାଇଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି, ରୋଗୀ କଲ୍ୟାଣ ସମିତିର କର୍ମଚାରୀ ଓ ଛଟେଇ କର୍ମଚାରୀଙ୍କୁ ୩୧ ତାରିଖ ସୁଦ୍ଧା ଚତୁର୍ଥ ଶ୍ରେଣୀରେ ଖାଲି ପଡ଼ିଥିବା ପଦବୀରେ ଥଇଥାନ କରି ସ୍ଥାୟୀ ଭାବେ ନିଯୁକ୍ତି ଦିଆ ନ ଗଲେ ୧ ତାରିଖରୁ ଜିଲାର ଜେଡ୍‌ଏସ୍‌ଏସ୍/ଆରକେଏସ କର୍ମଚାରୀ ଅହୋରାତ୍ର ଧାରଣାରେ ବସିବେ। ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ୟତୀତ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପଖଣ୍ଡ ଚିକିତ୍ସାଳୟରେ ୧୨ ବର୍ଷରୁ ଅଧିକ ହେବ ସୁଚାରୁ ରୂପେ ସେମାନେ କାମ କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ କେତେକ ସ୍ଥାନରେ କ୍ରମେ କର୍ମଚାରୀଙ୍କୁ ଛଟେଇ କରାଯାଉଛି। ସେମାନଙ୍କ ବୟସ ସୀମା ଅଧିକ ଥିବା ଯୋଗୁ ଅନ୍ୟ କୌଣସି କାର୍ଯ୍ୟାଳୟରେ ନିଯୁକ୍ତି ପାଇବା ଅସମ୍ଭବ ହୋଇଛି। ଲିଖିତ ପତ୍ରର ନକଲ ଜିଲା ଚିକିତ୍ସାଳୟ ଅଧ୍ୟକ୍ଷ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦିଆଯାଇଛି।

## ଆନ୍ଧ୍ରର ଚିଙ୍ଗୁଡ଼ି ଫାର୍ମରେ ଫସିଛନ୍ତି ୩ ଶ୍ରମିକ

ଜୟପୁର,୨୮।୧୨(ଡି.ଏନ୍.ଏ.)

ଜୟପୁର ବ୍ଲକ ରାଣୀଗଡ଼ ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ୩ ଜଣ ଶ୍ରମିକଙ୍କୁ ଏକ ମାସ ହେଲାଣି ଆନ୍ଧ୍ରର ପ୍ରକାଶମ ଜିଲା ଆଙ୍ଗୋଲ ନିକଟସ୍ଥ ଏକ ଚିଙ୍ଗୁଡି ଫାର୍ମର ମାଲିକ ଅଟକାଇ ରଖିଛନ୍ତି। ଏନେଇ ସେମାନଙ୍କ ପରିବାର କୋରାପୁଟ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଶନିବାର ସେଠାକାର ଜିଲା ପ୍ରଶାସନ ସହ ଯୋଗାଯୋଗ କରି ପଦକ୍ଷେପ ଆରମ୍ଭ କରିଛନ୍ତି। ଶନିବାର ଓ ରବିବାର ଛୁଟି ଥିବା ଯୋଗୁ ସୋମବାର ଉକ୍ତ ଅଞ୍ଚଳର ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରମ ବିଭାଗ କହିଛି। ସୂଚନା ଅନୁଯାୟୀ, ରାଣୀଗଡ଼ ପଞ୍ଚାୟତ ନୂଆଗୁଡ଼ାର ୩ ଜଣ ଯୁବ ଶ୍ରମିକ ସନ୍ନ୍ୟାସୀ ପରଜା, ଶୋଭା ପରଜା, ଗାଙ୍ଗୁ ପରଜା, ପଡ଼ୋଶୀ ଗ୍ରାମ ସିଙ୍ଗିବନ୍ଧର ମନ ମୁଦୁଲି ଓ ଅନ୍ୟ ଜଣେ ମାସକ ତଳେ ଚିଙ୍ଗୁଡି ଫାର୍ମରେ କାମ କରିବାକୁ ଆନ୍ଧ୍ର ଯାଇଥିଲେ। ସେଠାରେ ଦୈନିକ ୧୨ ଘଣ୍ଟାରୁ ଅଧିକ କାମ କରିବା, ଖାଇବା ରହିବାର ଉଚିତ ବ୍ୟବସ୍ଥା ମାଲିକ କରୁ ନ ଥିଲେ। ଅଭିଯୋଗ କଲେ ନିର୍ଯାତନା ଦିଆଯାଉଥିଲା। ସିଙ୍ଗିବନ୍ଧର ୨ ଯୁବକ କୌଶଳ କ୍ରମେ ସେଠାରୁ ଖସିଆସିଥିଲେ। ସେମାନଙ୍କଠାରୁ ସବୁ ଜାଣିବା ପରେ ଅନ୍ୟ ୩ ଜଣ ଶ୍ରମିକଙ୍କ ପରିବାର ଗତ ଶୁକ୍ରବାର ରାତିରେ ସ୍ଥାନୀୟ ଶ୍ରମ ଅଧିକାରୀଙ୍କ ନିକଟରେ ପହଞ୍ଚି ଅଭିଯୋଗ କରିଥିଲେ।

## ୧୧ କେଭି ତାର ଲାଗି ଯୁବକ ଗୁରୁତର

ଲମତାପୁଟ,୨୮।୧୨(ଡି.ଏନ୍.ଏ.): ଲମତାପୁଟ ବ୍ଲକ ମାଛକୁଣ୍ଡରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଅନକାଡେଲି ଗ୍ରାମର ବନମାଳି ଖରା ତିଆରି ଚାଲିଥିବା ବିଦ୍ୟୁତ ଖୁଣ୍ଟ କାମରେ ଠିକା ଶ୍ରମିକ ଭାବେ ଲାଗିଥିଲେ। ଶନିବାର ପୂର୍ବାହ୍ନରେ ୧୧କେଭି ତାର ସଂସ୍ପର୍ଶରେ ଆସି ସେ ଛିଟ୍‌କି ପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ପ୍ରଥମେ ଅନକାଡେଲି ଡାକ୍ତରଖାନା ଓ ସେଠାରୁ ଲମତାପୁଟ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

## ଗଞ୍ଜେଇ ଜବତ, ପଶ୍ଚିମବଙ୍ଗର ଜଣେ ଗିରଫ

ଜୟପୁର,୨୮।୧୨(ଡି.ଏନ୍.ଏ./ନି.ପ୍ର.)

ମାଲକାନଗିରିରୁ ପଶ୍ଚିମବଙ୍ଗ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ଜୟପୁର ଟାଉନଥାନା ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ପୋଲିସ। ଅଭିଯୁକ୍ତ ଜଣେ ହେଲେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ଡମକାଲ ଥାନା ଟିକିଟିକିପାରା ଗ୍ରାମର ସେକ ମୋମିନ (୨୪)। ତାଙ୍କ ନିକଟରୁ ୨ଟି ପଲିଥିନ ବସ୍ତାରେ ୩୪ କିଲୋ ୭୦୦ ଗ୍ରାମ ଗଞ୍ଜେଇ, ଗୋଟିଏ କାର (ଡବ୍ଲ୍ୟୁବି୦୨ ଏସି ୯୪୩୫), ୨ଟି ମୋବାଇଲ, ୫୫୦୦ ଟଙ୍କା ଜବତ କରାଯାଇଛି। ଗତ ଗୁରୁବାର ରାତି ସାଢ଼େ ୧୧ଟା ବେଳେ ରାଞ୍ଚି–ବିଜୟାୱାଡ଼ା ବାଇପାସ ରାସ୍ତାରେ ପାଟ୍ରୋଲିଂ ବେଳେ ଉପରୋକ୍ତ କାର୍‌ଟି ଦ୍ରୁତଗତିରେ ପୋଲିସ ଭ୍ୟାନ୍‌କୁ ଅତିକ୍ରମ କରିଥିଲା। ପୋଲିସ ସନ୍ଦେହରେ ଉକ୍ତ କାର୍‌କୁ ପିଛା କରି ହାତୀଶାଳ ଛକ ନିକଟରେ ଅଟକାଇଥିଲା। ମାଜିଷ୍ଟ୍ରେଟ ମାତାରାମ ଲିୟାଙ୍ଗିଙ୍କ ଉପସ୍ଥିତିରେ ପୋଲିସ ଗାଡ଼ି ଯାଞ୍ଚ କରିବା ବେଳେ କାର୍ ଭିତରୁ ଗଞ୍ଜେଇ ଜବତ କରିଥିଲା। ଏସ୍‌ଆଇ ସୁନିତା ବେହେରା ଏହି ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

■ ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

## ରାସ୍ତାରେ ଶିଶୁ ପୁତ୍ର ଜନ୍ମ ଦେଲେ ପ୍ରସୂତି

ଉମରକୋଟ,୨୮।୧୨(ବି.ପ୍ର)



ପ୍ରସୂତିଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନିଆଯାଉଛି।

ଗାଁରେ ପହଞ୍ଚିପାରିଲାନି ଆମ୍ବୁଲାନ୍ସ। ଗର୍ଭବତୀଙ୍କୁ ଗ୍ରାମବାସୀ ଖଟିଆରେ ବୋହି ଡାକ୍ତରଖାନା ନେବା ବେଳେ ରାସ୍ତାରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ । ଏହାପରେ ଆମ୍ବୁଲାନ୍ସ ପହଞ୍ଚି ନବଜାତ ଶିଶୁ ଓ ମା' ଙ୍କୁ ନେଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୁର୍ସୀ ପଞ୍ଚାୟତରେ ଶୁକ୍ରବାର ଏଭଳି ଘଟଣା ଘଟିଛି। ଉମରକୋଟ ବ୍ଲକ ଅନ୍ତର୍ଗତ କୁର୍ସୀ ପଞ୍ଚାୟତର ରିନା ସାନ୍ତାଙ୍କ ପ୍ରସବଜନିତ ଯନ୍ତ୍ରଣା ଶୁକ୍ରବାର ସନ୍ଧ୍ୟାରେ ହୋଇଥିଲା। ରୀନାଙ୍କୁ ଡାକ୍ତରଖାନା ନେବା ନିମନ୍ତେ ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ରାତି ଆଠଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ନ ଥିଲା । ରୀନାଙ୍କ ପ୍ରସବ ଯନ୍ତ୍ରଣା ବଢ଼ିବାରୁ ପରିବାର ଲୋକ ଏକ ଖଟିଆରେ ବୋହି ଡାକ୍ତରଖାନା ନେଇଥିଲେ। ରାସ୍ତାରେ ରୀନା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ରାତି ପ୍ରାୟ ୧୦ଟାରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ନବଜାତ ଶିଶୁ ଓ ମା' ଙ୍କୁ ଉମରକୋଟ ଚିକିତ୍ସାଳୟକୁ ନେଇଥିଲେ। ମା' ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡିଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୩୯ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

ପାରଳାଖେମୁଣ୍ଡି, ୨୮।୧୨(ସ୍ୱ.ପ୍ର.) : ଗଜପତି ଜିଲା ଅଡ଼ବା ଥାନା ଅଧୀନ ଖାରିଗୁଡ଼ା ପଞ୍ଚାୟତର ଲମତଙ୍ଗ ଅଞ୍ଚଳରେ ପୋଲିସ, ଅବକାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୩୯ ଏକର ଜମିରେ ୭୮ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହାର ମୂଲ୍ୟ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ଏସ୍‌ପି ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା।

### କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ



ପାରଳାଖେମୁଣ୍ଡି,୨୮।୧୨(ସ୍ୱ.ପ୍ର.):ଗଜପତି ଜିଲା କଂଗ୍ରେସ ପକ୍ଷରୁ ଦଳର ୧୩୪ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାସରଥି ଗମାଙ୍ଗ ଯୋଗଦେଇ ମହାତ୍ମା ଗାନ୍ଧୀ, ଜବହାରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତ୍ରିନାଥ ସାହୁଙ୍କ ଫଟୋଚିତ୍ର ଓ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୧୩୪ବର୍ଷ ପୁରାତନ ଏହି ଜାତୀୟ ଦଳ ବହୁ ଉତ୍‌ଥାନ ପତନ ଦେଇ ଗତି କରିଛି ବୋଲି ଗମାଙ୍ଗ ଏହି ଅବସରରେ କର୍ମୀମାନଙ୍କୁ କହିଥିଲେ। ପାରଳାଖେମୁଣ୍ଡି ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା ପ୍ରତିଷ୍ଠା ଦିବସରେ ସମସ୍ତ କର୍ମୀ ମିଳିତଭାବେ କାର୍ଯ୍ୟ କରିବାପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର ଉପାଧ୍ୟକ୍ଷ ସଞ୍ଜୟ ଅଧିକାରୀ, ସିମାଞ୍ଚଳ ମହାରଣା, ସୂର୍ଯ୍ୟ ନାରାୟଣ ପାତ୍ର, ସନ୍ତୋଷ କୁମାର ରଥଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ଏନ୍‌ଏସ୍‌ଏସ୍‌ର ଶୀତ ଶିବିର ଉଦ୍‌ଯାପିତ

ଗୁଣପୁର,୨୮।୧୨(ଡି.ଏନ.ଏ):ଗୁଣପୁର କଲେଜଠାରେ ୭ଦିନ ଧରି ଚାଲୁ ରହିଥିବା ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶୀତ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି, ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ଦଣ୍ଡପାଣି ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ.ସୂର୍ଯ୍ୟନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡ.ଜୟଶ୍ରୀ ଜେଟି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅମୀୟ ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୋଷ୍ୟଗ୍ରାମ ହାଉସିଂ ବୋର୍ଡ କଲୋନି, ମରାଠିଗୁଡା ଏବଂ ବନ୍ଧୁଗୁଡାଠାରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଏଟିଏମ୍ ସମସ୍ୟା ନେଇ ଅସନ୍ତୋଷ

ପଦ୍ମପୁର, ୨୮।୧୨(ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁର ସହରରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ର ଏଟିଏମ୍ ଅନେକ ସମୟରେ ବନ୍ଦ ରହୁଛି। ସେହିପରି ଖୋଲାଥିଲେ ମଧ ମଧ ଟଙ୍କା ନ ଥିବା ଯୋଗୁ ଅଞ୍ଚଳବାସୀ ବହୁ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ପଦ୍ମପୁର ଅଞ୍ଚଳରେ ଚାଷୀମାନେ ଏ ସମୟରେ ଧାନ କ୍ରୟ ବିକ୍ରୟ କରୁଥିବାବେଳେ ଟଙ୍କା ପାଇଁ ଏଟିଏମ୍ ଉପରେ ନିର୍ଭର କରୁଛନ୍ତି। ସେହିପରି ସାଧାରଣ ଲୋକେ ମଧ ଜରୁରୀ କାମରେ ଟଙ୍କା ବାହାର କରିବାକୁ ଏଟିଏମ୍‌କୁ ଯିବା ସମୟରେ କେତେକ ଏଟିଏମ୍ ବନ୍ଦ ରହୁଥିବାବେଳେ ଆଉ କେତେକ ଏଟିଏମ୍‌ରେ ଟଙ୍କା ନ ଥିବା ଦେଖି ନିରାଶ ହୋଇ ଫେରୁଛନ୍ତି। ପ୍ରକାଶ ଯେ, ପଦ୍ମପୁରରେ ଷ୍ଟେଟ୍‌ବ୍ୟାଙ୍କ, ଆନ୍ଧ୍ରବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍‌ର ଏଟିଏମ୍ ରହିଛି। ମାତ୍ର ସବୁ ଏଟିଏମ୍‌ରେ ସମାନ ସମସ୍ୟା ଯୋଗୁ ଲୋକେ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ପଦ୍ମପୁର ଏସ୍‌ବିଆଇ ଶାଖା ପରିଚାଳକଙ୍କୁ ପଚାରି ବୁଝିବାରୁ ଆର୍‌ବିଆଇର ବିନା ଅନୁମତିରେ ମୁଁ କିଛି କହିପାରିବ ନାହିଁ ବୋଲି କହିଥିଲେ। ମୁଁ ଆଞ୍ଚଳିକ କାର୍ଯ୍ୟାଳୟ ସହ କଥା ହେବି ବୋଲି କହି କଥାକୁ ଏଡ଼ାଇଯାଇଥିଲେ। ସେହିପରି ସାମାଜିକ କର୍ମୀ ବଳରାମ ପଣ୍ଡା ମଧ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନେବାପାଇଁ ଦାବି ହୋଇଛି।

■ ଜିଲା ପରିଷଦ ଅଧ୍ୟକ୍ଷଙ୍କ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ ଦାବିରେ ରାମନାଗୁଡ଼ା ବନ୍ଦ

ଗୁଣପୁର,୨୮।୧୨(ଡି.ଏନ.ଏ)



ଦଳୀୟକର୍ମକର୍ତ୍ତାମାନେ ରାମନାଗୁଡ଼ାଠାରେ ବନ୍ଦ ପାଳନ କରି ପ୍ରତିବାଦ ଜଣାଉଛନ୍ତି।

ଗତ ୨୪ ତାରିଖ ରାତିରେ ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହାକୁ ନେଇ ରାମନାଗୁଡା ବ୍ଲକ କଂଗ୍ରେସ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ଦଳ ପକ୍ଷରୁ ଏନେଇ ବନ୍ଦ ପାଳନ କରାଯାଇଛି। ମୃତ୍ୟୁର ସତ୍ୟାସତ୍ୟ ପର୍ଦ୍ଦାଫାସ କରିବା ପାଇଁ ସିବିଆଇ ତଦନ୍ତ ଦାବି କରି ଏହି ବନ୍ଦ ପାଳନ କରାଯାଇଛି। ଫଳରେ ଦୋକାନ ବଜାର ବନ୍ଦ ରହିଥିଲା। ଯାନ ବାହନ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲେ ମଧ୍ୟ ପରେ ଚଳାଚଳ କରିଥିଲା। କଂଗ୍ରେସ ନେତା ମୁନା ନନ୍ଦ, ତାଗୁଡୁ ଶ୍ରୀଧରଙ୍କ ନେତୃତ୍ୱରେ ହୋଇଥିବା ବନ୍ଦ ପାଳନରେ ବହୁ ଦଳୀୟକର୍ମୀ ଇନ୍ଦୁପାଲି ଆପାରାଓ, ସୁଧୀର ଗୁରୁ, ଆପାରାଓ ପାଲକା, ବି.ପ୍ରସାଦ ରାଓ, ସିମାଦ୍ରୀ ହାରକା, ଲକ୍ଷ୍ମୀ କାଡ୍ରକା, ବାଞ୍ଛାନିଧି ବେହେରା, ପ୍ରକାଶ କଣ୍ଡାଗିରୀ, ଭାସ୍କର ବିଡିକା, ବିଶ୍ୱମ୍ଭର ପାତିକା, ଶୁକ୍ରୁ ଶବରଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀମାନେ ସାମିଲ ହୋଇଥିଲେ। ପୁରୁଷୋତ୍ତମଙ୍କ ମୃତ୍ୟୁକୁ କଂଗ୍ରେସ କର୍ମୀ ସାଧାରଣରେ ଗ୍ରହଣ କରି ପାରିନାହାନ୍ତି। ଆକସ୍ମିକ ମୃତ୍ୟୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ତେଣୁ ଘଟଣାର ତଦନ୍ତ କରାଯିବାକୁ ଦଳ ପକ୍ଷରୁ ଦାବି କରାଯାଇ ଏହି ବନ୍ଦ ପାଳନ କରାଯାଇଛି। ଏଥିସହ ସେମାନେ ରାମନାଗୁଡା ଫାଣ୍ଡିରେ ଏକ ଏତଲା ମଧ୍ୟ ଦେଇଛନ୍ତି। ଏହି ଅବସରରେ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ୍ୟ ଆୟୋଜିତ ହୋଇଥିଲା।

ସୂଚନାଯୋଗ୍ୟ ଯେ, ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗତ ମଙ୍ଗଳବାର ରାତିରେ ରାୟଗଡାରୁ ଗୁଣପୁର ଅଭିମୁଖେ ନିଜର ସମର୍ଥକଙ୍କ ସହ କାରରେ ଫେରୁଥିଲେ। ତାଣ୍ଡିକଣା ଛକରେ କାର ଛାଡି ଏକ ବାଇକରେ ଗୁଣପୁର ବାହାରିଥିଲେ। ତାଣ୍ଡିକଣାଠାରୁ କିଛି ଦୂର ଯିବା ପରେ ତାଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାମନାଗୁଡା ପରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଶ୍ରୀକାକୁଲମ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଗୋଟିଏ ଦିନରେ ତାଙ୍କର ଅଧ୍ୟକ୍ଷ ପଦ ଚାଲିଯିବା ଏବଂ ମୃତ୍ୟୁ ହେବା ଦଳୀୟ କର୍ମକର୍ତ୍ତା ସହ ଶୁଭେଚ୍ଛୁମାନଙ୍କୁ ଶକ୍ତ ଆଘାତ ଦେଇଛି। ଦଳୀୟ କର୍ମକର୍ତ୍ତାମାନେ ରାମନାଗୁଡାଠାରେ ଏକତ୍ରିତ ହୋଇ ବନ୍ଦ ପାଳନ କରି ପ୍ରତିବାଦ ଜଣାଉଛନ୍ତି।

■ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

# ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି



ବୈଠକରେ ଉପସ୍ଥିତ ବିଧାୟକ କେ. ନାରାୟଣ ରାଓ, ପାଷ୍ଟର୍ ପି. ଗମାଙ୍ଗ ଓ ଅନ୍ୟମାନେ।

ପାରଳାଖେମୁଣ୍ଡି, ୨୮।୧୨(ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ବ୍ଲକ୍ ବୁରୁଡିଙ୍ଗରେ ଠାରେ ସ୍ଥାନୀୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ପାଷ୍ଟର୍ ପି.ଗମାଙ୍ଗଙ୍କ ଅଧକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସଂଘର ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଅଞ୍ଚଳର ଛାତ୍ର ଏବଂ ଯୁବକମାନେ ମଧ ଯୋଗଦେଇ ସେମାନଙ୍କ ସମସ୍ୟା ଏବଂ ସେଗୁଡ଼ିକ କିପରି ସମାଧାନ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ବିଧାୟକ ରାଓ ପ୍ରତ୍ୟକ୍ଷ ଭାବେ ସମସ୍ତ ସମସ୍ୟା ଶୁଣିବା ସହ ଅଞ୍ଚଳର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଗୁମ୍ମା ମଣ୍ଡଳ ଭାଜପା ସଭାପତି କୃଷ୍ଣ ବିଶୋୟୀ, ପାରଳାଖେମୁଣ୍ଡିର ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ନେତାମାନେ ଉପସ୍ଥିତ ଥିଲେ।

# ପରମ୍ପରାକୁ ଜୀବିତ ରଖେ କବିତା

ରାୟଗଡ଼ା ଅଫିସ , ୨୮।୧୨




ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଚଇତି ଉପଲକ୍ଷେ ଜିଲା ସଂସ୍କୃତି ପରିଷଦ ରାୟଗଡ଼ା ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଦ୍‌ଭାବନା ସଭାଗୃହରେ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କବିମାନେ ହେଉଛନ୍ତି ଦିବ୍ୟଦ୍ରଷ୍ଟା। ସେମାନେ ସମାଜର ଦିଗ ଦର୍ଶନ ହୋଇଥାନ୍ତି। କବିତା ମାଧ୍ୟମରେ ଯେଉଁ ବାର୍ତ୍ତା ପ୍ରଦାନ କରନ୍ତି ତାହା ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଆମ ମାଟି, ସଂସ୍କୃତି, ପରମ୍ପରାକୁ ଜୀବିତ ରଖିବା ପାଇଁ କବିତା ନିହାତି ଜରୁରୀ। କବିତା ବିନା ସାହିତ୍ୟ ଅସମ୍ଭବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଏଆଇଟିଡ଼ିଏ ଟୁକୁ ବାରିକ , ରାୟଗଡ଼ା ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ , ଶିକ୍ଷାବିତ୍ ଦୁଷ୍ମନ୍ତ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସର୍ବମୋଟ ୬୦ ଜଣ କବି ଭାଗ ନେଇ କବିତା ପାଠ କରିଥିଲେ। ଭୁବନେଶ୍ୱରର ଅପୂର୍ବା ପତ୍ରିକାର କ୍ଷୀରୋଦ ପତି, କାବ୍ୟ ଲୋକ ଭୀକାରୀ ଧଳ , ବ୍ରହ୍ମପୁର ପୁସ୍ତକ ମେଳା ସଭାପତି ସୁଶାନ୍ତ ଦାସ, ଗଉର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କବିତା ଆସରର ସଂଯୋଜନା କରିଥିଲେ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ।

## ସମ୍ବେଦନଶୀଳ ଘଟଣାକୁ ରାଜନୀତୀକରଣ କରା ନ ଯାଉ

ରାୟଗଡ଼ା ଅଫିସ ,୨୮।୧୨

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବାମୁଣି ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ଗଣ ବଳାତ୍କାର ଓ ହତ୍ୟା ଘଟଣାରେ ପୂର୍ବତନ ଏମପି ପ୍ରଦୀପ ମାଝି ଦଳୀୟ କର୍ମୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ରାୟଗଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡ଼ିର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ଦାସ ବର୍ମା ନିଜ ମତ ରଖିଛନ୍ତି। କୋଷାଗୁମୁଡ଼ା ଗ୍ରାମରେ ଘଟିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ସମ୍ବେଦନଶୀଳ। ଶିଶୁ ଓ ମହିଳାମାନଙ୍କ ପ୍ରତି ହେଉଥିବା ଅପରାଧ ଅତ୍ୟନ୍ତ ଉଦ୍‌ବେଗଜନକ। ତେଣୁ ଏହା ସମାଜର ଅନେକ କ୍ଷତି ଘଟାଏ। ତେଣୁ ତାହାକୁ ଏପରି ପରିଚାଳନା କରିବା, ଯେପରି ପୀଡ଼ିତା ଏବଂ ତାଙ୍କ ସମ୍ପର୍କୀୟଙ୍କ ସମ୍ମାନ ହାନି ହେବ ନାହିଁ। ସେମାନଙ୍କ ସୁରକ୍ଷା ହେବ। କଂଗ୍ରେସ ନେତା ପ୍ରଦୀପ ମାଝିଙ୍କ ବ୍ୟବହାର ଓ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳ ଏପରି ଏକ ସମ୍ବେଦନଶୀଳ ଘଟଣାକୁ ରାଜନୀତୀକରଣ ନ କରିବାକୁ କହିଛନ୍ତି।

## ପ୍ରତ୍ୟହ ଚାଲିଲା ରାଜ୍ୟରାଣୀ ଏକ୍ସପ୍ରେସ

ଗୁଣପୁର,୨୮।୧୨(ଡି.ଏନ.ଏ):

ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ ସପ୍ତାହରେ ରବିବାର ଛାଡି ୬ ଦିନ ଚଳାଚଳ କରୁଥିଲା। ହେଲେ ଏହି ଟ୍ରେନ ଶନିବାରଠାରୁ ୭ଦିନ ଧରି ଚଳାଚଳ କରିବ ବୋଲି ରେଳବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହିକ୍ରମରେ ଶନିବାର ରାତି ୯.୨୦ରେ ରାଉରକେଲାରୁ ଛାଡି ରବିବାର ଅପରାହ୍ନ୧.୨୫ ସମୟରେ ଗୁଣପୁର ପହଁଞ୍ଚିବ। ଏହାପରେ ଅପରାହ୍ନ ୩.୧୫ରୁ ଗୁଣପୁରରୁ ବାହାରି ରାଉରକେଲା ଅଭିମୁଖେ ଯାତ୍ରା କରିବ।

# ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ




ପ୍ରୋଗ୍ରାମ୍ ଅଫିସର୍‌ଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସଚେତନତା କାର୍ଯ୍ୟକ୍ରମରେ ବାହାରିଛନ୍ତି।

କାଶୀନଗର, ୨୮।୧୨(ଡି.ଏନ୍.ଏ.)

କାଶୀନଗରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟରେ ଡିସେମ୍ବର ୨୨ରୁ ୨୮ ପର୍ଯ୍ୟନ୍ତ ଚାଲିଥିବା ଏନ୍‌ଏସ୍‌ଏସ୍ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ସପ୍ତାହ ବ୍ୟାପୀ ୩ଟି ୟୁନିଟ୍‌ରେ ଶିବିର ଚାଲିଥିବାବେଳେ ଉଦ୍‌ଯାପନି କାର୍ଯ୍ୟକ୍ରମରେ ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଏବଂ ଶ୍ରୀରାମ କଲେଜ ଅଧକ୍ଷ ଡ. ପ୍ରଶାନ୍ତ ବନପିଲି ଶିବିର ଗୁଡ଼ିକରେ ସଭାପତିତ୍ୱ କରିଥିଲେ। କଇଠପଦର ଗ୍ରାମରେ ୟୁନିଟ୍-୧ ପ୍ରୋଗାମ୍ ଅଫିସର୍ ଜୟନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ୟୁନିଟ୍-୨ ପ୍ରୋଗ୍ରାମ୍ ଅଫିସର୍ ଏମ୍. ଗଙ୍ଗାଧର ମିଲୁ ଖୁରିଗାମ ଗ୍ରାମରେ ଏବଂ ୟୁନିଟ୍-୩ଏ ପ୍ରୋଗାମ୍ ଅଫିସର ଜି. ଶୋଭାରାଣୀ ପରିଚାଳନା କରିଥିଲେ। ୭ ଦିନ ଧରି ଚାଲିଥିବା ଶିବିରରେ ଗ୍ରାମ ପରିସର ରାସ୍ତା, ନାଳନର୍ଦ୍ଦମା ଆଦି ସଫା କରିବା, ଏଡ୍‌ସ, ଡେଙ୍ଗୁ, ଚିକେନେଗୁନିଆ ଓ ମ୍ୟାଲେରିଆ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଗୁଣପୁର,୨୮।୧୨(ଡି.ଏନ.ଏ)



ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗୁଣପୁର ଶହୀଦ ଲକ୍ଷ୍ମଣ ନାୟକ ମେମୋରିଆଲ ହାଇସ୍କୁଲରେ ଶନିବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ୧୯୯୫ ମସିହା ପୁରାତନ ବିଦ୍ୟାର୍ଥି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏଥିସହ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ସ୍କୁଲର ପରିସରରେ ଅନୁଷ୍ଠିତ ହୋଇଥିଲା ସମ୍ମାନିତ ଅତିଥି ଭାବେ ଗୁଣପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଉଦୟ ନାୟକ, ଫାଉଣ୍ଡେଶନର ସଭାପତି କେ. ପଟ୍ଟନାୟକ, ସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ପୂର୍ଣ୍ଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିଳା ପାଢୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ, ରାଜେନ୍ଦ୍ର ପ୍ରସାଦ ସାହୁ, ଅକ୍ଷୟ ଦାସ, ଶଶାଙ୍କ ଦାସ, ଉମା ଶଙ୍କର ଦାସ, କୈଳାସ ପାତ୍ର, ବିଘ୍ନେଶ୍ୱର ଚୌଧୁରୀ, ଲକ୍ଷ୍ମୀ ନାରାୟଣ ବଳ, ସୂର୍ଯ୍ୟ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ା କଲେଜରେ ଆଲୋଚନାଚକ୍ର

ରାୟଗଡ଼ା ଅଫିସ, ୨୮।୧୨

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ଏଣ୍ଟର ପ୍ରେନିୟରସିପ ସେଲ ଏବଂ ବିୱାଇଏସଟିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେନାପତି ଏବଂ ଅଧ୍ୟକ୍ଷା ପ୍ରଫେସର ଭି. ଆର ରତ୍ନଶ୍ରୀଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ପ୍ରୋଜେକ୍ଟ ହେଡ୍ ପ୍ରକାଶ ଶୁକ୍ଳା ବିୱାଇଏସଟି ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିୱାଇଏସଟିର ଭାଇସ ଚେୟାରମ୍ୟାନ ଡ. କେ ସାଲଭା ରାଜୁ ବିଜନେସ ଆଇଡ଼ିଆ ପ୍ରତିଯୋଗିତା ୨୦୧୯-୨୦ ବିଷୟରେ କହିଥିଲେ। ଏଣ୍ଟରପ୍ରେନିୟରଶିପ ସେଲ ମୁଖ୍ୟ ଲିଜାରାଣୀ ଶତପଥୀ, କଳା, ବିଜ୍ଞାନ, ବାଣିଜ୍ୟ ଛାତ୍ରଛାତ୍ରୀଙ୍କୁ ଏଣ୍ଟରପ୍ରେନିୟରଶିପର ମହତ୍ତ୍ୱ ଉପରେ ବୁଝାଇଥିଲେ।

## ଏସ୍‌କେସିଜି ହାଇସ୍କୁଲର ଶତବାର୍ଷିକୀ ଉତ୍ସବ ଉଦ୍‌ଯାପିତ

ଗୋଷାଣୀ, ୨୮।୧୨(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ୍ ଅଧୀନ ଗୁରାଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲ୍‌ର ଶତବାର୍ଷିକୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୋହନା ବିଧାୟକ ଦାସରଥି ଗମାଙ୍ଗ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଗୋଷାଣୀ ବ୍ଲକ୍ ଅଧକ୍ଷା ସି.ଏଚ୍. ତାରକେଶ୍ୱରୀ, ଜିଲା ପରିଷଦ ଅଧକ୍ଷା ଅନୀତାରାଣୀ ବେହେରା, ପାରଳା ସ୍ୱାଭିମାନ ମଞ୍ଚର ସଭାପତି ଡ଼. ତିରୁପତି ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶତାୟୁ ଏହି ବିଦ୍ୟାଳୟ ଅନେକ ଛାତ୍ରୀଛାତ୍ରଙ୍କୁ ସଫଳ ବ୍ୟକ୍ତିଭାବେ ଗଢ଼ିତୋଳିଥିବାବେଳେ ଏହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଶତବାର୍ଷିକୀ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷକମାନେ।

■ ଜିଲାସ୍ତରୀୟ ବ୍ୟାଙ୍କ୍ ପରାମର୍ଶ, ସମୀକ୍ଷା ବୈଠକ

# ଯୋଜନାର ସଫଳ ରୂପାୟନ ପାଇଁ ସମନ୍ୱୟ ଜରୁରୀ

ପାରଳାଖେମୁଣ୍ଡି,୨୮।୧୨(ସ୍ୱ.ପ୍ର)



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଓ ଅନ୍ୟମାନେ।

ଜିଲାସ୍ତରୀୟ ବ୍ୟାଙ୍କ୍ ସମୂହ ପରାମର୍ଶ, ସମୀକ୍ଷା ଏବଂ ଜାତୀୟ ଗ୍ରାମ୍ୟ ଜିବୀକା ମିଶନ୍ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ଶନିବାର ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ ଏଥିରେ ଅଧକ୍ଷତା କରି ଗ୍ରାମାଞ୍ଚଳର ବିକାଶ ଦିଗରେ ବ୍ୟାଙ୍କ୍ ମାନଙ୍କର ଭୂମିକା ବିଷୟରେ କହିଥିଲେ। ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ବ୍ୟାଙ୍କ୍ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ମଧରେ ସମନ୍ୱୟ ରହିବା ଆବଶ୍ୟକ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି, ଉଦ୍ୟାନ, ମତ୍ସ୍ୟ, ପଶୁସମ୍ପଦ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରଚଳିତ ଯୋଜନା ଗୁଡ଼ିକୁ ବ୍ୟାଙ୍କ୍ ମାଧମରେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇପାରିଲେ ଏହାର ସଫଳ ରୂପାୟନ ହୋଇପାରିବ ବୋଲି ବୈଠକରେ କୁହାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜୀବିକା ମିଶନ୍‌ର ଏପିଡି ପ୍ରିୟମ୍ବଦା ବିଶୋୟୀ, ବ୍ରହ୍ମପୁରସ୍ଥିତ ଆନ୍ଧ୍ର ବ୍ୟାଙ୍କ୍ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ସାଧାରଣ ପରିଚାଳକ ଅନୋଜ କୁମାର ପ୍ରଧାନ, ଭୁବନେଶ୍ୱର ରିଜର୍ଭ ବ୍ୟାଙ୍କ୍‌ର ଏଲ୍‌ଡିଓ ତାରିଣୀ ଚରଣ ପାଇକ ମଞ୍ଚାସୀନ ଥିଲେ। ବ୍ୟାଙ୍କ୍ ସମୂହର ହାରାହାରି ଋଣ-ଜମା ଅନୁପାତ ୨୯ପ୍ରତିଶତ ଥିବାବେଳେ ଏହାକୁ ୪୦ପ୍ରତିଶତକୁ ବୃଦ୍ଧି କରିବାପାଇଁ ଏଠାରେ ପରାମର୍ଶ ଦିଆଯାଇଥିଲା। ଏସ୍‌ଏଚ୍‌ଜିମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଜିଲାର ଗୁମ୍ମା, ନୂଆଗଡ଼ ଓ ରାୟଗଡ଼ ବ୍ଲକ୍ ଅଞ୍ଚଳରେ ୮ଟି ଶାଖା ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ନିଶ୍ଚିତ ଆତ୍ମନିଯୁକ୍ତି ଯୋଜନାରେ ତୁରନ୍ତ ହିତାଧିକାରୀମାନଙ୍କୁ ଋଣ ପ୍ରଦାନ ପାଇଁ କୁହାଯାଇଥିଲା। ଜିଲା ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ କିଶୋର ଚନ୍ଦ୍ର ନାୟକ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଡିଆଇପିଆର୍‌ଓ ରବିଚନ୍ଦ୍ର ନାୟକ, ଜିଲା କୃଷକ ସଂଘର ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।